

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika



କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୩୪ • ୩ ଜାନୁଆରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -30 • Issue-334 • 3rd January 2024, Wednesday • Bhubaneswar
Licensed to post without pre-payment of postage No- BN-60/22-24

# ଫେବୃଆରୀ ୩ ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ । ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି । ଏଥିପାଇଁ ସବୁ ସଂପୃକ୍ତ ବିଭାଗ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



ଏହି ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ଏ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବ । ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ ।

ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗ ଦେଇ ଓଡ଼ିଆ ଭାଷାର (ସର୍ବ ପ୍ରାଚୀନତା) ଓ (ନିରନ୍ତରତା) ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟ ଭିତ୍ତିକ ଆଲୋଚନା କରିବେ । ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନାମାନ ଅନୁଷ୍ଠିତ ହେବ। ଏଥିସହ ବିଶେଷଜ୍ଞ ମାନେ ଏହି ତିନି ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟ ଭିତ୍ତିକ ଉପସ୍ଥାପନ କରିବେ।

ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖିହେବ ଏ ସମ୍ପର୍କରେ ମଧ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହି ସମ୍ମିଳନୀ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀ ମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତ୍ତିକା ହେବ।

# ସିଇସି ନିଯୁକ୍ତିରେ ସ୍ୱଚ୍ଛତା ଆଣିବାକୁ ଦାବି: ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା

**ନୂଆଦିଲ୍ଲୀ, ୨।୧**

ନିକଟରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନରଙ୍କ ନିଯୁକ୍ତିକୁ ନେଇ ସଂସଦରେ ପାରିତ ବିଲ୍‌କୁ ବିରୋଧ ଆରମ୍ଭ ହୋଇଛି । ଶୀତ ଅଧିବେଶନ ସମୟରେ କେନ୍ଦ୍ର ସରକାର ଉଭୟ ଲୋକସଭା ଓ ରାଜ୍ୟସଭାରେ ନୂଆ ସିଇସି ବିଲ୍‌କୁ ପାରିତ କରିଥିଲେ। ବିଲ୍ ପାରିତ ହେବା ବେଳେ ଅଧିକାଂଶ ବିରୋଧୀ ଦଳର ସଦସ୍ୟ ଗୃହରେ ଉପସ୍ଥିତ ନଥିଲେ। ସେମାନଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ସିଇସି ବିଲ୍ ପାରିତ ହୋଇଥିଲା



କିନ୍ତୁ ଏହାକୁ ଏବେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନରଙ୍କ ନିଯୁକ୍ତି ନେଇ ଗୋଟିଏ ନିରପେକ୍ଷ ଓ ସ୍ୱଚ୍ଛ ବ୍ୟବସ୍ଥା ଆପଣାଇବା ପାଇଁ ଦାବି କରାଯାଇଛି।

ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଉପସ୍ଥାପିତ କରି ଆବେଦନକାରୀ କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ଏ ଦିଗରେ ଦୃଷ୍ଟି ଦିଅନ୍ତୁ । ଗୋଟିଏ ନିରପେକ୍ଷ ଓ ସ୍ୱାଧୀନ ଚୟନ କମିଟି ଗଠନ କରି ସିଇସିଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନରେ କୁହାଯାଇଛି।

୨୦୨୩ ଡିସେମ୍ବର ୨୮ରେ ନିଯୁକ୍ତିକୁ ନେଇ ପ୍ରକାଶ ପାଇଥିବା ସରକାରୀ ବିଜ୍ଞପ୍ତି ଉପରେ ରୋକ ଲଗାଇବାକୁ ମଧ୍ୟ ଆବେଦନ କରାଯାଇଛି । ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ରାୟକୁ ବାଇପାସ କରିବା ପାଇଁ ସଂସଦ କିମ୍ବା ରାଜ୍ୟ ବିଧାନସଭା କୌଣସି ଗେଜେଟ ବିଜ୍ଞପ୍ତି କିମ୍ବା ଅଧାଦେଶ ଆଣିପାରିବେ କି ବୋଲି ପ୍ରଶ୍ନ କରାଯାଇଛି।

ଏହାର ବିଚାର ସମ୍ବିଧାନ ଅନୁସାରେ ସୁପ୍ରିମକୋର୍ଟ କରନ୍ତୁ। ଏଥିସହ ନିର୍ବାଚନ କମିଶନରଙ୍କ ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀ କହିଛନ୍ତି।

ବିଲ୍‌ରେ ବ୍ୟବସ୍ଥା କରାଯାଇଛି ଯେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କୁ କେନ୍ଦ୍ର ସରକାର ନିଜ ଇଚ୍ଛାରେ ନିଯୁକ୍ତି ଦେବେ। (ପୃଷ୍ଠା ୭ରେ)

## ନିଶ୍ଚିନ୍ତକୋଇଲି ଦୁର୍ଘଟଣା: ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ନିଶ୍ଚିନ୍ତକୋଇଲି/ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

କଟକ-ଚନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା କଳା ପୋଲ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବେଦନା ଜଣାଇବା ସହ ଶୋକ ପ୍ରକାଶ କରିଛନ୍ତି। ଏହାଛଡ଼ା ପ୍ରତି ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି । ଖାଲି ସେତିକି ନୁହେଁ, ଆହତ ଓ ଗୁରୁତରମାନଙ୍କ ଉପଯୁକ୍ତ ଚିକିତ୍ସା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ,, କଟକ-ଚନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା କଳା (ପୃଷ୍ଠା ୭ରେ)

# ଟୋକିଓ ଏୟାରପୋର୍ଟରେ ବଡ଼ ଦୁର୍ଘଟଣା
## ଅବତରଣ ବେଳେ ଜଳିଗଲା ବିମାନ



**ଟୋକିଓ, ୨।୧**

ଜାପାନରେ ଅବତରଣ ସମୟରେ ଏକ ବିମାନରେ ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ଟୋକିଓ ବିମାନ ବନ୍ଦରରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତେବେ ଜାପାନ ନ୍ୟୁଜ ଏଜେନ୍ସି ଏନଏଚକେ ଏହି ଦୁର୍ଘଟଣା ସମ୍ପର୍କରେ ବଡ଼ ସୂଚନା ଦେଇଛି । ଅବତରଣ ପରେ ବିମାନଟି ଅନ୍ୟ ଏକ ବିମାନ ସହ ଧକ୍କା ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ଏନ୍‌ଏଚକେ ରିପୋଟରମାନେ କହିଛନ୍ତି।

# ବଲାଙ୍ଗୀରବାସୀଙ୍କୁ ମୁଖ୍ୟମନ୍ତ୍ରୀ ଦେବେ ନୂଆବର୍ଷ ଭେଟି : ଉଦ୍‌ଘାଟନ ହେବ ୩୦୫ କୋଟିର ପ୍ରକଳ୍ପ

**ବଲାଙ୍ଗୀର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଶ୍ରୀ ପଟ୍ଟନାୟକ ଏଥିସହିତ ନୂଆବର୍ଷ ଅବସରରେ ଜିଲ୍ଲାବାସୀଙ୍କୁ ନୂଆ ଉପହାର ଭେଟିଦେବେ। ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିବହନ, ଗମନାଗମନ ଭଳି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପକୁ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି । ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ ୩୦୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ।



ଜିଲ୍ଲାରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ ହେବ ଜିଲ୍ଲାର ଟିଟିଲାଗଡ଼, ଅଗଲପୁର, ଦେଓଗାଁ, ଲୋଇସିଂହା, ବେଲପଡ଼ା, ଖପ୍ରାଖୋଲ, ପାଟଣାଗଡ଼ ଭଳି ୭ଟି ବ୍ଲକ୍‌କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ୧୭ କୋଟି ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ। ଟିଟିଲାଗଡ଼ଠାରେ ଉପଖଣ୍ଡ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ କଣ୍ଟାବାଞ୍ଜି ଚିକିତ୍ସାଳୟରେ ଔଷଧ ପଣ୍ୟାଗାର ଓ ସିଏଚସିର ପ୍ରଶାସନିକ କୋଠାର ବି ଉଦ୍‌ଘାଟନ ହେବ। ପାଟଣାଗଡ଼ ଧଣ୍ଡାମୁଣ୍ଡାସ୍ଥିତ ପ୍ରାଥମିକ ଚିକିତ୍ସାଳୟରେ ଡେ କେୟାର ବିଲ୍ଡିଂ ଓ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆ ମେଡିସିନ ୱାର୍ଡ, ୱେଟିଂ ହଲ ଓ ମଡ୍ୟୁଲାର କିଚେନ ବିଲ୍ଡିଂର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ।

ବିଭିନ୍ନ ବ୍ଲକରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଭଳି ଉନ୍ନତ ଭିତ୍ତିଭୂମି, କ୍ରୀଡ଼ାବିତ ଓ ଯୁବବର୍ଗଙ୍କ ପାଇଁ ଉତ୍ସର୍ଗ କରାଯାଇଛି । ଏହି କ୍ରମରେ ୬ କୋଟି ୩୫ଲକ୍ଷ ବ୍ୟୟ ଅଟକଳରେ ତୁଷୁରାଠାରେ ନିର୍ମାଣ ହୋଇଥିବା ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ମିଶନ ଶକ୍ତିର ମା'ମାନଙ୍କୁ (ପୃଷ୍ଠା ୭ରେ)

## ରାଜ୍ୟରେ ୫ ନୂଆ ଆକ୍ରାନ୍ତ ଚିହ୍ନଟ ତେବେ ଚିନ୍ତାଜନକ ନୁହେଁ



**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ରାଜ୍ୟରେ ଚିନ୍ତାଜନକ ସ୍ଥିତି ନାହିଁ । ତେବେ ମଙ୍ଗଳବାର ଦିନ ରାଜ୍ୟରେ ୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ୨୪ଟି ଆକ୍ଟିଭ କେସ ରହିଛି । ଯେଉଁଥିରେ ଜଣେ ମାତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆଉ ଅନ୍ୟ ୨୩ ଜଣ ହୋମ ଆଇସୋଲେସନରେ ଅଛନ୍ତି ବୋଲି ନିରଞ୍ଜନ ମିଶ୍ର କହିଛନ୍ତି। (ପୃଷ୍ଠା ୭ରେ)

## ବଢ଼ି ଚାଲିଛି କୋଭିଡ୍ ଗ୍ରାଫ୍ ସଂକ୍ରମଣରେ ଲାଗୁନି ବ୍ରେକ୍



**ନୂଆଦିଲ୍ଲୀ, ୨।୧**

କରୋନା ସଂକ୍ରମଣରେ ସାମାନ୍ୟ ବ୍ରେକ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ ଗତ ୨୪ ଘଣ୍ଟାରେ ୫୭୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋଭିଡ୍-୧୯ ମାରାତ୍ମକ ଭୂତାଣୁ ୨ଜଣଙ୍କ ଜୀବନ ନେଇଛି । କର୍ଣ୍ଣାଟକ ଓ ହରିୟାଣାରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।

ନୂଆ କୋଭିଡ କେସକୁ ମିଶାଇ ଦେଶରେ ସକ୍ରିୟ ମାମଲା ୪,୫୬୫କୁ ବୃଦ୍ଧି ପାଇଛି । ସେହିଭଳି ଗୋଟିଏ ଦିନରେ ୪୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ତେବେ ମୋଟ କୋଭିଡରୁ ସୁସ୍ଥ ହୋଇ ଘରକୁ ଫେରିଥିବା ରୋଗୀଙ୍କ ସଂଖ୍ୟା ହେଲା ୪,୪୪,୭୬,୫୫୦। ସେହିଭଳି ୨ ନୂଆ ମୃତ୍ୟୁ ମାମଲାକୁ ମିଶାଇ ଦେଶରେ ମୃତ୍ୟୁ ସଂଖ୍ୟା ୫,୩୩,୩୬୨ରେ ପହଞ୍ଚିଛି ।

କରୋନାର ସବ୍-ଭାରିଆଣ୍ଟ ପାଇଁ ଦ୍ରୁତଗତିରେ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି । ସୋମବାର ସୁଦ୍ଧା ଜେଏନ୍.୧ ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୧୯୭ ରହିଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଚୀନକୁ ନେଇ ଜୟଶଙ୍କରଙ୍କ କଡ଼ା ସନ୍ଦେଶ
## ନେହେରୁ ନୁହେଁ ପଟେଲଙ୍କ ନୀତିରେ ଚାଲିବ ମୋଦି ସରକାର

**ନୂଆଦିଲ୍ଲୀ, ୨।୧**

ସୀମା ବିବାଦ ଯୋଗୁଁ ଗତ କିଛି ବର୍ଷ ଧରି ଭାରତ ଏବଂ ଚୀନ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି । ଗତ କିଛି ବର୍ଷରେ ଲଦାଖ ଏବଂ ଅରୁଣାଚଳ ପ୍ରଦେଶରେ ଦୁଇ ଦେଶର ସୈନିକ ଅନେକ ଥର ମୁହାଁମୁହିଁ ହୋଇଛନ୍ତି । ଅନ୍ୟପଟେ ଚୀନ ଭାରତ ମହାସାଗରରେ ବି ନିଜର ବିସ୍ତାରବାଦୀ ନୀତିରେ କାମ କରୁଛି । ତେବେ ମୋଦି ସରକାର ଦ୍ୱାରା ଲଗାତାର ଡ୍ରାଗନକୁ ମୁହଁତୋଡ଼ ଜବାବ ଦିଆଯାଉଛି । ଏକ ସାକ୍ଷାତକାରରେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଭାରତ-ଚୀନ ସମ୍ପର୍କ ଉପରେ ବିସ୍ତାରରେ ଆଲୋଚନା କରିଛନ୍ତି।



ଶ୍ରୀ ଜୟଶଙ୍କର କହିଛନ୍ତି ଯେ ଆରମ୍ଭରୁ ହିଁ ଜବାହାରଲାଲ ନେହେରୁ ଏବଂ ସର୍ଦ୍ଦାର ପଟେଲଙ୍କ ମଧ୍ୟରେ ଚୀନକୁ କିପରି ଜବାବ ଦିଆଯିବ ଏହି ପ୍ରସଙ୍ଗରେ ତୀବ୍ର ମତଭେଦ ଥିଲା । ମୋଦି ସରକାର ଚୀନକୁ ଜବାବ ପାଇଁ ସର୍ଦ୍ଦାର ପଟେଲଙ୍କ ନୀତି ଅନୁରୂପରେ କାମ କରୁଛନ୍ତି । ଆମେ ଏପରି ସମ୍ପର୍କ ସ୍ଥାପନ ପାଇଁ ଉଦ୍ୟମ କରିଛୁ ଯାହା ପାରସ୍ପରିକ ସମ୍ପର୍କ ଉପରେ ଆଧାରିତ ହେବ । ଯେପର୍ଯ୍ୟନ୍ତ ପରସ୍ପରକୁ ମାନ୍ୟତା ଦିଆନଯାଇଛି, ଏହି ସମ୍ପର୍କକୁ ଆଗକୁ ବଢ଼ାଯାଇ ପାରିବ ନାହିଁ ।

ସର୍ଦ୍ଦାର ପଟେଲ ଓ ଜବାହାରଲାଲ ନେହେରୁଙ୍କ ଦୃଷ୍ଟିକୋଣର ମତଭେଦ ଉପରେ ଜୋର ଦେଇ ସେ କହିଛନ୍ତି, ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟତାକୁ ନେଇ ମୁଁ ଏହା କହୁନି ଯେ ଆମେ ଜୋର କରି ସିଟ୍ ନେବାର ଥିଲା, ଏହା ଏକ ଭିନ୍ନ ବିଷୟ। କିନ୍ତୁ ସଦସ୍ୟତାର ପ୍ରଥମ ସୁଯୋଗ ଆମେ ଚୀନକୁ ଦେବା ଦରକାର । ଚୀନର ହିତ ପ୍ରଥମେ ଆସିବା ଦରକାର, (ପୃଷ୍ଠା ୭ରେ)

# ଜାପାନ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି
## ଆହୁରି ୧୫୫ ଫସି ରହିଥିବା ସନ୍ଦେହ



**ଟୋକିଓ, ୨।୧**

ନୂଆ ବର୍ଷରେ ଜାପାନରେ ଶକ୍ତିଶାଳୀ ଭୂକମ୍ପ ହୋଇଥିବା ବେଳେ ଏବେ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ମୃତ୍ୟୁ ସଂଖ୍ୟା ବଢ଼ି ଏବେ ସୁଦ୍ଧା ୩୦ରେ ପହଞ୍ଚିଲାଣି। ଆହୁରି ୧୫୫ ଜଣ ସେଠାରେ ଫସି ରହିଛନ୍ତି ବୋଲି ଅନୁମାନ କରାଯାଉଛି।

୨୦୨୪ର ପ୍ରଥମ ଦିନରେ ଘଟିଥିବା ଏହି ବଡ଼ ଭୂକମ୍ପରେ ବଞ୍ଚିଥିବା ଲୋକଙ୍କୁ ଖୋଜିବା ପାଇଁ ଜାପାନର ଉଦ୍ଧାରକାରୀମାନେ ମଙ୍ଗଳବାର ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରି ଚାଲିଛନ୍ତି। ସୋମବାରରୁ ପ୍ରାୟ ୧୫୫ ରୁ ଅଧିକ ଭୂକମ୍ପ ହୋଇଥିବା ବେଳେ ଅଧିକାଂଶ ୭.୬ ତୀବ୍ରତାର (ପୃଷ୍ଠା ୭ରେ)

## ଇ-କୋର୍ଟ ଯୁଗରେ ସ୍ଥାୟୀ ବେଞ୍ଚ ମହତ୍ୱପୂର୍ଣ୍ଣ ନୁହେଁ: କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ, ୨।୧**

ହାଇକୋର୍ଟର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସୁପାରିଶ ଆବଶ୍ୟକ। ଏଥିସହିତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହମତି ଦରକାର। ଏହା ପରେ ଯାଇ କେନ୍ଦ୍ର ସରକାର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ଆରମ୍ଭ କରିଥାନ୍ତି।

ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ମଙ୍ଗଳବାର ଏହା କହିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ। ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ମେଘୱାଲ କହିଛନ୍ତି ଏବେ ସାରା ଦେଶରେ ଇ-କୋର୍ଟ ବ୍ୟବସ୍ଥା ବେଶ ଭଲରେ କାମ କରୁଛି । ଓଡ଼ିଶା ଇ-କୋର୍ଟ ବ୍ୟବସ୍ଥା କାର୍ଯ୍ୟକାରୀରେ (ପୃଷ୍ଠା ୭ରେ)

# ନିର୍ଦ୍ଦିଷ୍ଟ ପୋଷାକରେ ଓଡ଼ିଆ ଅସ୍ମିତାର ପରିଚୟ ଜରୁରୀ



■ ପ୍ରଶାନ୍ତ ପଟ୍ଟନାୟକ

ସନାତନ ଧର୍ମରେ ଉଲ୍ଲେଖଥିବା ସ୍ୱୟଂ ଭଗବାନ ନାରାୟଣ ଆଉ ସବୁ ଦେବାଦେବୀ ସେମାନଙ୍କର ଆୟୁଧ ଲାଗି ସ୍ୱତନ୍ତ୍ର ଭାବେ ପରିଚିତ। ସେହିଭଳି ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ବର୍ଷର ନାଗରିକ ନିଜ ନିଜର ବେଶଭୂଷା ଓ ପୋଷାକ ପରିଚ୍ଛଦରୁ ସେମାନେ କେଉଁ ପ୍ରଦେଶର ବୋଲି ପରିଚିତ ହୋଇଥାନ୍ତି। ପଶ୍ଚିମ ବଙ୍ଗଳା, ଆସାମ, ବିହାର ନାଗାଲାଣ୍ଡ, ମଣିପୁର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୁଜୁରାଟ, ରାଜସ୍ଥାନ, ପଞ୍ଜାବ, ଜମ୍ମୁ-କଶ୍ମୀର ଆଦି ରାଜ୍ୟର ନାଗରିକମାନେ ସେମାନଙ୍କର ସ୍ୱତନ୍ତ୍ର ବେଶଭୂଷା ଓ ପୋଷାକ ନେଇ ପରିଚିତ। ଭାରତ କିମ୍ବା ବିଶ୍ୱର ଯେକୌଣସି ସ୍ଥାନରେ ସେମାନଙ୍କର ବେଶପୋଷାକ ଯୋଗୁ ସେମାନେ ସହଜରେ ପରିଚିତ ହୋଇଥାନ୍ତି। ମାତ୍ର ଓଡ଼ିଶା ଭଳି ପ୍ରାଚୁର୍ଯ୍ୟରେ ଭରପୁର ଥିବା ରାଜ୍ୟର ନାଗରିକମାନେ ସେମାନଙ୍କର ବେଶଭୂଷା ପୋଷାକ ଯୋଗୁଁ ପରିଚିତ ହେଲା ଭଳି ଅଦ୍ୟାବଧି କୌଣସି ସୁଯୋଗ ସୃଷ୍ଟି ହୋଇନାହିଁ। ଓଡ଼ିଆକୁ ସରକାରୀ ଭାଷା ଭାବରେ ସ୍ୱୀକୃତି ଦିଆଯାଇ ଏହାର ପ୍ରଚାର ପ୍ରସାର ଓ ସମୃଦ୍ଧି ଲାଗି ରାଜ୍ୟ ସରକାର ଅନେକ ଉଲ୍ଲେଖନୀୟ ପଦକ୍ଷେପମାନ ନେଇଥିଲେ ମଧ୍ୟ ବେଶପୋଷାକରୁ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ପରିଚୟ ଏପର୍ଯ୍ୟନ୍ତ ସୃଷ୍ଟି ହୋଇପାରିନାହିଁ।

ଇତି ମଧ୍ୟରେ ନବୀନ ପଟ୍ଟନାୟକ ସରକାର ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତିର ବିକାଶ ଲାଗି ବହୁତ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଓଡ଼ିଆ ଅସ୍ମିତାର ଜାଗୃତି ପାଇଁ ଦିଲ୍ଲୀଠାରୁ ପଲ୍ଲୀପର୍ଯ୍ୟନ୍ତ ଏବଂ ଅନ୍ତର୍ଜାତୀୟ ସ୍ତରରେ ବହୁ ସଭା ସମିତି, ସେମିନାର ଓ ଆଲୋଚନାଚକ୍ର ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ହେବାରେ ଲାଗିଛି। ଏହା ନିଶ୍ଚିତ ଭାବେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ମାତ୍ର ଓଡ଼ିଆ ଲୋକମାନେ ନିଜର ବେଶ ପୋଷାକ ଯୋଗୁ ସ୍ୱତନ୍ତ୍ର ପରିଚୟ ପାଇବାରେ ସାମାନ୍ୟତମ ଉଦ୍ୟମ ହୋଇନଥିବା ଦୁଃଖର ବିଷୟ। ଯେକୌଣସି ଭାଷାଭାଷୀର ବ୍ୟକ୍ତି ନିଜର ମାତୃଭାଷା ଲାଗି (ପୃଷ୍ଠା ୭ରେ)

# କୋଟିଆରେ ଲାଗିଲା ଆନ୍ଧ୍ରର ଦଳୀୟ ପ୍ରଚାର ପତାକା

**ପଟାଙ୍ଗୀ, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମକୁ ପ୍ରବେଶ କରିବା ଛକରେ ପୁଣି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ୱାଇଏସଆର କଂଗ୍ରେସର ଦଳୀୟ ପ୍ରଚାର ପତାକା ଉଡାଇଛି। ଧୂଳିପଦର ଗାଁର ପ୍ରବେଶ ଛକରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ହିଁ ଆମ ଭରସା ବୋଲି ତେଲୁଗୁରେ ଲେଖାଥିବା ପତାକା ଉତ୍ତୋଳନ କରାଯାଇଥିବା ନେଇ ସୂଚନା ମିଳିଛି । ଏହି ପତାକା ଓଡ଼ିଶାର ଧୂଳିପଦର ଠାରେ ଉଡାଇ ପୁଣି ଥରେ ନିଜ ଉପସ୍ଥିତିକୁ ଜାହିର କରିବାକୁ ଚେଷ୍ଟା କରୁଛି



ଆନ୍ଧ୍ର । ଗତ ଅଗଷ୍ଟ ୧୨ ତାରିଖ ସନ୍ଧ୍ୟା ସମୟରେ ଆନ୍ଧ୍ରର (ପୃଷ୍ଠା ୭ରେ)





# ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ : ବ୍ରଜମୋହନ ପ୍ରଧାନ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱର୍ଗତ ବିଜୁପଟ୍ଟନାୟକ ୨୭ତମ ପ୍ରତିଷ୍ଠା ଦିବସରେ ଜଳେଶ୍ୱର ବଡ଼ ବଜାର ସ୍ଥିତ ଟାଉନ ହଲ୍ ପଡ଼ିଆ ଠାରେ ଏକ ବିଶାଳ ସମାବେଶରେ ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ବିଜୁବାବୁ ଆମର ଆଦର୍ଶ ନବୀନ ପଟ୍ଟନାୟକ ଆମର ନେତା ଏଇ ସଂକଳ୍ପ ନେଇ ଏଇ ସମାବେଶ ବୋଲି ଶ୍ରୀ ପ୍ରଧାନ କହିଥିଲେ। ନିରବଚ୍ଛିନ୍ନ ଓଡ଼ିଶା ଗଠନ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ ନବୀନ ଓଡ଼ିଶା ଗଢିବା ଓ ବିକାଶକୁ ଆଗେଇ ନେଉଥିବା ଜଣେ ହେଲେ ବ୍ୟକ୍ତି ଆଉ କେହି ନୁହନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚି କାର୍ଯ୍ୟ କରିବେ ବୋଲି ଏହି ସଂକଳ୍ପ ବିଶାଳ ସମାବେଶରେ ସଂକଳ୍ପ ନେଇଥିଲେ। ବ୍ରଜମୋହନ ପ୍ରଧାନ



ଉକ୍ତ ସମାବେଶରେ ୪ହଜାରରୁ ଉର୍ଦ୍ଧ୍ୱ କର୍ମୀମାନେ ବ୍ରଜମୋହନଙ୍କ ସଂକଳ୍ପରେ ସଂକଳ୍ପବଦ୍ଧ ହୋଇ ଶୋଳଗାନ ଦେଇଥିଲେ, ଯାହାକି ସଂଗଠନକୁ ମଜବୁତ କରିବ ବୋଲି ଉକ୍ତ ସଂକଳ୍ପ ସମାବେଶରୁ ଜଣାପଡୁଥିଲା। ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁବନେତା କାଳିଚରଣ ଦାସ ରଣ ହୁଙ୍କାର ଦେଇ କର୍ମୀମାନଙ୍କୁ କହିବା ସହିତ ପୂର୍ବତନ ସରପଞ୍ଚ ସତ୍ୟଶୋଭମ ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଆମେ ପ୍ରତ୍ୟେକ ପଞ୍ଚାୟତ, ବିଭିନ୍ନ ଗ୍ରାମ, ଗଳିକନ୍ଦିରେ ସାଧାରଣ ଭୋଟରଙ୍କ ପାଖରେ ପହଞ୍ଚାଇବୁ ବୋଲି ଏ ସଂକଳ୍ପ ସାମାଜିକ ଜଳେଶ୍ୱର ବ୍ଲକର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରହିବା ସମୟରେ ବିଭିନ୍ନ ପଞ୍ଚାୟତର ବିକାଶର ଧାରାକୁ ଲୋକାଭିମୁଖୀ କରେଇବା ଲୋକଙ୍କ ସୁଖ ଦୁଃଖର ସାଥିହେବା ରାତ୍ରୀ ଅଧିଆ ଦୌଡ଼େଇବା ଖରା ବର୍ଷାକୁ ଖାତିର ନକରି ଥିବାରୁ ମତେ ଲୋକେ ବିଭିନ୍ନ ପଞ୍ଚାୟତରେ ଜନ ଆର୍ଶୀବାଦ ଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଏଥର ବ୍ରଜ ଭାଇଙ୍କୁ ବିଧାୟକ ଭାବେ ଦେବେ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ନିଜର ମତ ପ୍ରକାଶ କରିବା ସହିତ ରୋଡ୍‌ମ୍ୟାପ୍ ମଧ୍ୟ ପ୍ରସ୍ତୁତ କରି ସାରିଛନ୍ତି ବୋଲି ଏହି ସମାବେଶରେ କହିଛନ୍ତି। ପୁରୁଖା କର୍ମୀ ତଥା ପୂର୍ବତନ ସରପଞ୍ଚ ପ୍ରମିଳା ସାମଲ, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, ରାସବିହାରି ରଣା, ଯୁବ ନେତା ଚନ୍ଦନ କର, ପୂର୍ବତନ ଜଳେଶ୍ୱର ବ୍ଲକ ସଭାପତି ସୁଧୀର ପାତ୍ର, ସମାଜସେବୀ ରମେଶ ଚନ୍ଦ୍ର ପାତ୍ର, ଉଦୟ ନାଥ ମୁର୍ମୁ, ସରପଞ୍ଚ ରାଜେଶ ଜେନା, ସରପଞ୍ଚ ମିନତୀ କର, ସମତି ସଭ୍ୟ ଲକ୍ଷ୍ମୀଧର ବେହେରା, ସମିତି ସଭ୍ୟ ହରିଶ ଚନ୍ଦ୍ର ମହାଲିକ, ରବିନ୍ଦ୍ର ଗିରି, ଭୂପତିତ ମିର୍ଦ୍ଧା, ହସିଉଦିନ ବଡ଼ ପ୍ରମୁଖ ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ଏକ ବିଶାଳ ମଟର ସାଇକେଲ ରାଲି କରି ଜଳେଶ୍ୱର କାଳୀ ମନ୍ଦିର ପାଖରେ ପହଞ୍ଚି ସଂକଳ୍ପ ସମାବେଶ ସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାସନ କାର୍ଡ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଦିଲାରପୁର, ଇଦଘାମହଲା ପ୍ରଭୃତି ଅଞ୍ଚଳର ଶତାଧିକ ମହିଳା ରାସନ କାର୍ଡ ନପାଇବାରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ମହିଳାମାନେ ଅତି ଗରିବ, ଭୂମିହୀନ ଥିଲେ ମଧ୍ୟ ଏମାନଙ୍କୁ ରାସନ କାର୍ଡ ମିଳୁନାହିଁ। ଏମାନଙ୍କ ମଧ୍ୟରୁ କେତେକଙ୍କୁ ରାସନ ସାମଗ୍ରୀ ୪/୬ ମାସ ମିଳିବା ପରେ ସେମାନଙ୍କ ରାସନ କାର୍ଡ କଟିଯାଇଥିବା ଅଭିଯୋଗ କରିଛନ୍ତି। ରାସନ କାର୍ଡ ପାଇବାକୁ ଏମାନେ ପ୍ରକୃତ ହିତାଧିକାରୀ ଥିବା ବେଳେ ପ୍ରଶାସନ ଏମାନଙ୍କ ପ୍ରତି ଗୁରୁତ୍ୱ ନଦେଇ କୋଠାଘର ଥିବା ବ୍ୟକ୍ତି ମାନଙ୍କୁ ରାସନ କାର୍ଡ ମିଳିଥିବା ଏମାନେ ଅଭିଯୋଗ କରିଛନ୍ତି। ତେବେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ତଦନ୍ତ କରି ରାସନ କାର୍ଡ ପାଇବାକୁ ଯୋଗ୍ୟ ଥିବା ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବ୍ୟଙ୍ଗ କବି ଅର୍ପିତ ସେଠୀ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ସୁନାମଧନ୍ୟ ବ୍ୟଙ୍ଗ କବି ଅର୍ପିତ ସେଠୀ ତାଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀ ପୀଠରେ "ମା' ତାରିଣୀ ସାହିତ୍ୟ ସମ୍ମାନ" ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତରେ ଅନୁଷ୍ଠିତ ଏହି ସଭାରେ ସୁରେନ୍ଦ୍ର



ନାଥ ତ୍ରିପାଠୀ, ଡଃ ନିରଞ୍ଜନ ସାହୁ, ରାମ ନାରାୟଣ ଶର୍ମା, ବିଦ୍ୟୁତ୍ ପ୍ରଭା ମିଶ୍ର, ଡଃ ରଂଜନ କୁମାର ପଭଣ୍ଡା, ଇଂ ସୁଶାନ୍ତ କୁମାର ବଳଙ୍କ ସହ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୪ ମାସ ହେଲା ଆର.ଆଇ ଅଫିସରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂହ ଆର.ଆଇ ଅଫିସରେ ବିଦ୍ୟୁତ୍ ସଂଯୋଗ ନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଏହି ଆର.ଆଇ ଅଫିସ୍‌ର କାର୍ଯ୍ୟ ପରିସୀମା ଅନ୍ୟ ସର୍କଲମାନଙ୍କ ଠାରୁ ବହୁତ ବଡ ସର୍କଲ। ଏଠାରେ ବିଦ୍ୟୁତ୍ ସଂଯୋଗ ନଥିବାରୁ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଜନ ସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନଲାଇନରେ ଆବେଦନ କରା ଯାଇଥିବା ଜମିଜମା, ଜାତିଗତ, ଆୟ, ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବାରେ ବିଦ୍ୟୁତ୍




ସଂଯୋଗ ନଥିବାରୁ ବହୁ ବିଳମ୍ବ ହେଉଛି। ବିଦ୍ୟୁତ୍ ଦେୟ ନିୟମିତ ପୈଠ ହୋଇଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରୁ ନଥିବାରୁ କାର୍ଯ୍ୟାଳୟର କର୍ମଚାରୀ ଓ ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି।

# ପଞ୍ଚଶାସନୀ ବ୍ରାହ୍ମଣ ସମାଜର ବାର୍ଷିକ ଅଧିବେଶନ




**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ରେଙ୍ଗାଲି ବ୍ଲକ୍ ସାଲଡ ପ୍ରଗଣାରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ପଞ୍ଚଶାସନୀ ବ୍ରାହ୍ମଣ ସମାଜର ସପ୍ତବିଂଶତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଭାବରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଅବସରପ୍ରାପ୍ତ ପ୍ରଧାପକ, ଗବେଷକ ତଥା ବୈଜ୍ଞାନିକ ଗଣପତି ପଣ୍ଡା ଯୋଗଦାନ କରିଥିଲେ। ଆଧୁନିକତା ପ୍ରଭାବରେ ସଂସ୍କାର ତଥା ଜୀବନଶୈଳୀରେ ନକାରାତ୍ମକ ପ୍ରଭାବ ଉପରେ ବକ୍ତାଗଣ ଗୁରୁତ୍ୱାରୋପ କରିଥିଲେ। ସମାଜର ସ୍ଥାୟୀ ସଭାପତି ତଥା ଗୋପାଳଜୀ ମଠ ମହନ୍ତ ହୃଷିକେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଲକ୍ଷ୍ମଣ କୁମାର ବେହେରା, ସାଧାରଣ ସମ୍ପାଦକ ସରୋଜ କୁମାର ଧର, ଉଦ୍ୟୋକ୍ତା ବିଶିକେଶନ ବିଶ୍ୱାଳ, ଅବସରପ୍ରାପ୍ତ ଫରେଷ୍ଟ ଅଫିସର ତଥା ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥ, ବିପିନ ବିହାରୀ ବିଶ୍ୱାଳ, ଡ. ଶ୍ୟାମସୁନ୍ଦର ଧର ମଞ୍ଚାସୀନ ଥିଲେ। ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ସଭା ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ହୃଷିକେଶ ନାଥ ବାର୍ଷିକ ଆୟ ବ୍ୟୟର ଉପସ୍ଥାପନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆ.ଆଇ.ଟି, ନିଟ୍, ତଥା ହାଇସ୍କୁଲ ଓ କଲେଜ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୯ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜ ସଂସ୍କାର ଏବଂ ବ୍ରାହ୍ମଣ ସମାଜର ଉନ୍ନତି ନିମନ୍ତେ ରମାକାନ୍ତ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାଣି, ପ୍ରଦୀପ୍ତ କୁମାର ନାଥ, ଫକୀର ମୋହନ ତ୍ରିପାଠୀ, ବସନ୍ତ କୁମାର ନାଥ, ତୃଷ୍ଣାମୟୀ ନାଥ, ସନ୍ତୋଷିନୀ ନାଥ ତଥା ଅନ୍ୟ ବକ୍ତାମାନେ ମତବ୍ୟକ୍ତ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ସମ୍ପାଦକ ନିଶିକାନ୍ତ ବିଶ୍ୱାଳଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ୪୧ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରସନ୍ନ କୁମାର କର କାର୍ଯ୍ୟକାରୀ ସଭାପତି, ବାଳକୃଷ୍ଣ ବିଶ୍ୱାଳ, ସରୋଜ କୁମାର ଧର, ଉପ ସଭାପତି, ହୃଷିକେଶ ବେହେରା, ସାଧାରଣ ସମ୍ପାଦକ, ସୁଶିଲ କୁମାର ନାୟକ, ନିଶିକାନ୍ତ ବିଶ୍ୱାଳ ସହ ସମ୍ପାଦକ ଓ କାମିନୀ ମୋହନ ଶର୍ମାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସ୍ତରର କୁଇଜ୍ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ରାୟଗଡ଼ର ଛାତ୍ରୀଙ୍କ ସଫଳତା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମାନକ ବ୍ୟୁରୋ(ବିଆଇଏସ)ର ସ୍ଥାପନ ଦିବସ ଉପଲକ୍ଷେ ହୋଇଥିବା ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ରାୟଗଡ଼ର ଯାଜ୍ଞସେନୀ କଣ୍ଟା ଜାତୀୟ ସ୍ତରରେ ୩ୟ ସ୍ଥାନ ପ୍ରାପ୍ତ କରି ବିଦ୍ୟାଳୟ ତଥା ପିତାମାତା ଓ ରାୟଗଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ୨୩ ତାରିଖରେ ସାଇନ୍ସ ଏବଂ ଷ୍ଟାଣ୍ଡାର୍ଡ ବିଷୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ର ୭୭ତମ ସ୍ଥାପନା ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କୃତି ଛାତ୍ରୀଙ୍କୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ କୃତି ଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପ୍ରାଚାର୍ଯ୍ୟ ଓ ସଂପୃକ୍ତ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀ ଯଥା ସୁହାନି ଷଡ଼ଙ୍ଗୀ, ହିମାଂଶୁ ଶେଖର ସାହୁ, ଅଂଶୁମାନ ମହାନ୍ତି, ଅନୁରାଗ ସାହୁ, ତୋମିଟ ନାୟକ ଓ ସୋରେନ ପଣ୍ଡା ପ୍ରମୁଖ ଏହି ପ୍ରତିଯୋଗିତାରେ ଭାଗନେଇ କୃତି ପ୍ରମାଣପତ୍ର ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ, ଅଭିଭାବକ ମହଲ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଭକାମନା ଓ ଶୁଭେଚ୍ଛାର ସୁଅ ଛୁଟୁଛି। ଯାଜ୍ଞସେନିଙ୍କ ବାପା ନବ କୁମାର କଣ୍ଟା ପେସେରେ ବରିଷ୍ଠ ଓକିଲ, ରାୟଗଡ଼ା ଝିଅର ଏହି ସଫଳତା ନିମନ୍ତେ ନିଜର ଖୁସି ବ୍ୟକ୍ତ କରିଥିବା ବେଳେ ଝିଅର ଶିକ୍ଷାର ଉନତି ପାଇଁ ସୁଯୋଗ ଓ ଉପଯୁକ୍ତ ତାଲିମ ଦେଇଥିବାରୁ ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ସାଧୁବାଦ ଜଣାଇଛନ୍ତି।

## ଗୋବରୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତରେ ଥିବା ଗୋବରୀ ହାଇସ୍କୁଲ ୨୦୦୪ ମସିହା ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ ଛୁଆଳିଆ ଶକ୍ତିପୀଠ ନିକଟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବନ୍ଧୁ ମିଳନରେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଅତୀତର ସ୍ମୃତି ବଖାଣି ଥିଲେ ଏବଂ ହାଇସ୍କୁଲର ଉନ୍ନତି ପାଇଁ ଆଲୋଚନା କରିଥିଲେ। ବିରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନ୍ଧୁ ମିଳନରେ ଶାନ୍ତନୁ ଜେନା, ବାସୁଦେବ ଦାସ, ଅରୁଣ ସାମଲ, ସସ୍ମିତା ଲେଙ୍କା, ଅପର୍ଣ୍ଣା ପଟ୍ଟନାୟକ, ସାଗରିକା ଜେନା, ସିଲା ସାମଲ, ପ୍ରିୟଙ୍କା ସେନାପତି, ସରୋଜକାନ୍ତ ପଟ୍ଟନାୟକ, ପ୍ରଭଞ୍ଜନ ରାଉତ, କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚଶିକ୍ଷା ବିଭାଗରେ ଦାୟିତ୍ୱ ମିଳିବା ପରେ କିରିକୁଟି ସରପଞ୍ଚ ଇସ୍ତଫା ଦେଲେ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତର ସରପଞ୍ଚ ଅଶୋକ ପ୍ରଧାନ ସରପଞ୍ଚ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଅଶୋକ ଜଣେ ଉଚ୍ଚ ଶିକ୍ଷିତ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଯୁବନେତା ଭାବେ ଅଞ୍ଚଳରେ ବହୁତ ଦିନ ଧରି ଲୋକଙ୍କ ସେବା କରି ଆସୁଥିଲେ। ପରେ ସେ ଲୋକଙ୍କ ନିବେଦନ ପରେ କିରିକୁଟି ସରପଞ୍ଚ ଭାବେ ପ୍ରାର୍ଥିପତ୍ର ଦାଖଲ କରି ନିର୍ବାଚନରେ ବିଜୟ ଲାଭ କରି ଅଞ୍ଚଳର ଜନସେବା କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ତେବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଏବେ ଶିକ୍ଷକ ଭାବେ ମନୋନୀତ ହେବା ପରେ ସେ ସରପଞ୍ଚ ପଦରୁ ଇସ୍ତଫା ଦେଇଛନ୍ତି। ସେ ପୁରୀ ଜିଲ୍ଲା କଣାସରେ କାର୍ଯ୍ୟରେ ଯୋଗ ଦେବେ ବୋଲି କହିଛନ୍ତି।

# ରାୟଗଡ଼ା ଚଇତି ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ବିକାଶ ଓ ବିକଶିତ ଜିଲ୍ଲା ଗଠନ ପାଇଁ ଅତିଥି ଗଣଙ୍କ ଆହ୍ୱାନ, ଚଇତି ମସାଲ ଓ କଳସର ପୂଜାର୍ଚ୍ଚନା ପାଇଁ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ କର୍ତ୍ତା ଭାବେ ଯୋଗଦେଇଥିଲେ। ସ୍ଥାନୀୟ ମାଁ' ମଝିଘରିଆଣୀ ମନ୍ଦିରରେ ସକଳ ପୂଜାର୍ଚ୍ଚନା ପରେ କଳସ ଓ ମଶାଲ ଯାତ୍ରା ଅପରାହ୍ଣ ୩ ଘଟିକା ସମୟରେ ଆରମ୍ଭ ହୋଇଥିଲା। ମଶାଲକୁ ଅତିରିକ୍ତ ଜିଲ୍ଲାପାଳ ଧରିଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝୀ ମୁଖ୍ୟ କଳସକୁ ମୁଣ୍ଡାଇଥିଲେ। ଏହି ଉତ୍ସବରେ ହଜାର ହଜାର ଲୋକଙ୍କ ଗହଣରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଭଉଣୀ ଶୁଭଦ୍ରାଙ୍କ ସାଙ୍ଗରେ ମା' ମଝୀଘରିଆଣୀଙ୍କୁ ଚଇତି ପଡ଼ିଆ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆକୁ ପାଛୋଟି ଅଣାଯାଇ ପୂଜାର୍ଚ୍ଚନା ପରେ ୫ ଦିନ ବ୍ୟାପୀ ହେବାକୁଥିବା ଚଇତି ଓ ପଲ୍ଲିଶ୍ରୀ ମେଳାର ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷର ଚଇତି ୨୦୨୩ ଉଦ୍‌ଘାଟନ ଉତ୍ସବ ପୂର୍ବ ବର୍ଷ ଅପେକ୍ଷା ଫିକା ପଡ଼ିଥିବା ଦେଖିବାକୁ



ମିଳିଛି, କିନ୍ତୁ ଯାହାବି ହେଉ ଜିଲ୍ଲାବାସୀ ଖୁସିର ସହ ଆଡ଼ମ୍ବର ସହକାରରେ ପାଳନ କରୁଥିବା ଦେଖାକୁ ମିଳିଛି। ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିର ବର୍ଣ୍ଣାଢ଼୍ୟ ଉତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିସେମ୍ବର ମାସ ୨୬ ତାରିଖରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ ହେଉଛି। ୫ ଦିନ ବ୍ୟାପୀ ଏହି ସାଂସ୍କୃତିକ ଉତ୍ସବରେ ରାଜ୍ୟ ସ୍ତରର ଲୋକ ନୃତ୍ୟ, ଲୋକ କଳା ତଥା ଲୋକ ସଂଗୀତ ସମେତ ଜାତୀୟ ସ୍ତରରେ ବହୁ କଳାକାର ଓ ଶିଳ୍ପୀ ନିଜନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସ୍ୱଧାଦେବ ସିଂ। ପ୍ରଥମ ରଜନୀର ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟା ଲଘୁ, ପଛୁଆବର୍ଗ ବିକାଶ ଏବଂ ଆଇନ ମନ୍ତ୍ରୀ, ଓଡ଼ିଶା ସରକାର ଶ୍ରୀଜଗନ୍ନାଥ ସାରକା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଉପଦେଷ୍ଟା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରଦୀପ କୁମାର ମାଝୀ, ବିଧାୟକ ରାୟଗଡ଼ା ମକରନ୍ଦ ମୁଦୁଲି, ବିଧାୟକ ଗୁଣୁପୁର ରଘୁମାଥ ଗମାଙ୍ଗ, ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ରାୟଗଡ଼ା ଅନୁସୂୟା ମାଝୀ, ଉପଦେଷ୍ଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସୁଧିର କୁମାର ଦାସ, ଉପଦେଷ୍ଟା ପଛୁଆ ଜାତି ବିକାଶ, ଓଡ଼ିଶା ସରକାର, ଅଧକ୍ଷା ଜିଲ୍ଲାପରିଷଦ, ରାୟଗଡ଼ା ସୁଶ୍ରୀ ସରସ୍ୱତୀ ମାଝୀ, ଅଧକ୍ଷ, ରାୟଗଡ ପୌରପରିଷଦ ପି.ମହେଶ ପଟ୍ଟନାୟକ, ଅଧକ୍ଷା, ରାୟଗଡ଼ା ପଞ୍ଚାୟତ ସମିତି ସୁଶ୍ରୀ ଟୁନି ହୁଇକା, ଅଧକ୍ଷ, କାଶୀପୁର ପଞ୍ଚାୟତ ସମିତି, କଣ୍ଟ ମାଝୀ, ଅଧକ୍ଷ, ପଦ୍ମପୁର ପଞ୍ଚାୟତ ସମିତି ଶ୍ରୀମତୀ ମଣିମାଳା ଶବର ଏବଂ ଅଧକ୍ଷା, ବିଷମ କଟକ ପଞ୍ଚାୟତ ସମିତି ଯୋଶୋଦା ହୁଇକା ପ୍ରମୁଖ ଯୋଗଦେଇ ମଞ୍ଚାସୀନ ହୋଇଥିଲେ।

## ରାମାଧୀନ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପୁରୁଣା ବ୍ରହ୍ମପୁରସ୍ଥ ରାମାଧୀନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ତରଫରୁ ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟ ଫୁଲତା ଠାରେ ୭ ଦିନ ବ୍ୟାପୀ ଶୀତକାଳୀନ ସ୍ୱତନ୍ତ୍ର ଶିବିର ୨୫ ତାରିଖ ଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କ୍ୟାମ୍ପରେ ୫୦ ଜଣ ଶିବିରାର୍ଥୀ ରହି ବିଭିନ୍ନ ପ୍ରକାର ସରକାରଙ୍କ ଅନୁମୋଦିତ ଓ ପ୍ରୟୋଜିତ ସେବାମୂଳକ କାର୍ଯ୍ୟକ୍ରମ ରୂପାୟନ କରି ଗ୍ରାମବାସୀଙ୍କ ଠାରୁ ସଫଳତାର ସୂଚନା ପାଇଥିବାର ଜଣାଯାଇଛି। ଶାରୀରିକ କୌଶଳ, ନିଶା ନିବାରଣ, ପରିମଳ ଓ ପରିବେଶ ସୁରକ୍ଷା, ଯୌତୁକ ପ୍ରଥା ନିରୋଧ ସହ ନାରୀ ଶିକ୍ଷା, ସାଇବର ଅପରାଧ, ଭୋଟର ସଚେତନତା ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନେଇ ଗ୍ରାମରେ ସଚେତନ ଜାରି ରହିଛି। ଗ୍ରାମ ସଭାଗୃହରେ ମହାବିଦ୍ୟାଳୟ ସଭାପତି ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ମା' ନାରାୟଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ, ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ଦାସ, ସାହିତ୍ୟ ଅଧ୍ୟାପକ ଡକ୍ଟର ବିଷ୍ଣୁ ପ୍ରସାଦ ଦାଶ, ବ୍ୟାକରଣ ଅଧ୍ୟାପକ ସନ୍ତୋଷ କୁମାର ରଥ ପ୍ରମୁଖ ଶିବିରାର୍ଥୀ ତଥା ଉପସ୍ଥିତ ଗ୍ରାମବାସୀଙ୍କୁ ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ବୁଝାଇବା ସହ ତାହାକୁ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଶିବିର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଚନ୍ଦ୍ରଶେଖର ଶର୍ମା ଧନ୍ୟବାଦ୍ ପ୍ରଦାନ କରିଥିଲେ।




# ମିଶନ ଶକ୍ତି ଗୃହ ହସ୍ତାନ୍ତରରେ ଅବହେଳା ଅଭିଯୋଗ

**କେସିଙ୍ଗା, ନ୍ୟୁଜ୍ ବ୍ୟୁରୋ**

ମିଳିନି ଠିକାଦାରଙ୍କ ପ୍ରାପ୍ୟ, ମିଶନ ଶକ୍ତି ଗୃହ ହସ୍ତାନ୍ତରକୁ ନେଇ ଉଠୁଚି ପ୍ରଶ୍ନ। ସରକାର ରାଜ୍ୟର ମହିଳା ମାନଙ୍କ ଉନ୍ନତି ପାଇଁ ଏସ୍‌ଏଚଜି ଗଠନ କଲେ। ଏହି ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ମହିଳା ସଶକ୍ତିକରଣ ନାମରେ ମିଶନ ଶକ୍ତି ଗଠନ କରି ବିନା ସୁଧରେ ବ୍ୟାଙ୍କ ଋଣ, ସ୍କୁଟି ମଧ୍ୟ ଯୋଗାଇ ଦେଲେ କଣ ନାଁ ମହିଳା ମାନେ ଆଗେଇଲେ ରାଜ୍ୟ ଆଗେଇବ। ବିଭିନ୍ନ ସ୍ଥାନରେ ଏହି ମିଶନ ଶକ୍ତି ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଗୃହ ମଧ ତିଆରି କରାଗଲା ଏହା ବାଦ୍ ବି କେଉଁଠି ନାଁ କେଉଁଠି କେଁ ରହିଯାଇଥିବା ଭଳି ମନେ ହଉଚି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍‌ରେ ମଧ ମିଶନ ଶକ୍ତି ଗୃହ ନିର୍ମାଣ କରାଗଲା କିନ୍ତୁ ବର୍ତ୍ତମାନ ନିର୍ମାଣ ଶେଷର ବର୍ଷେ ବିତିଯାଇଥିଲେ ମଧ ଆଇ ସି ଡି ଏସ ବିଭାଗ କୁ ହସ୍ତାନ୍ତର ହୋଇ ନାହିଁ। ଯାହା ଫଳରେ କି ଏହି ଗୃହର ରକ୍ଷଣା ବେକ୍ଷଣରେ ସମସ୍ୟା ଉପୁଜିବାର ସନ୍ଦେହ କରାଯାଉଛି। ଏ ବିଷୟରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଙ୍କୁ ପଚାରିବାରୁ ଆମ ବିଭାଗ ତରଫରୁ ମିଶନ ଶକ୍ତି ଗୃହ ହସ୍ତାନ୍ତର ପାଇଁ ବାରମ୍ବାର କୁହାଯାଇଥିଲେ ମଧ ଆଇସିଡିଏସ ବିଭାଗର ଖାମ୍‌ଖିଆଲି ନୀତି ଯୋଗୁଁ ତାହା ହସ୍ତାନ୍ତର ହୋଇ ପାରୁନାହିଁ ବୋଲି ମତବ୍ୟକ୍ତ କରିଥିବା ବେଳେ ଅପରପକ୍ଷରେ ଆଇସିଡିଏସ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ଆମକୁ ହସ୍ତାନ୍ତର ବିଷୟ ରେ ପୂର୍ତ୍ତ ବିଭାଗ କୌଣସି ପ୍ରକାରର ଆଲୋଚନା କରିନାହାନ୍ତି କି ଜଣାଇ ନାହାନ୍ତି ବୋଲି କହିଛନ୍ତି। ସେ ଯାହା ବି ହେଉ ଦୁଇ ବିଭାଗର କାଦୁଅ ଫିଙ୍ଗା ଭିତରେ ମିଶନ ଶକ୍ତି ଗୃହର ଅବସ୍ଥା ଶୋଚନୀୟ ହେବା ନେଇ ଆଶଙ୍କା କରାଯାଉଛି। କାଦୁଅ ଫିଙ୍ଗା ଫୁଙ୍ଗି ଭିତରେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାର ସମ୍ପୂର୍ଣ୍ଣ ଟଙ୍କା ପୂର୍ତ୍ତ ବିଭାଗ ଠାରୁ ପାଇନଥିବା ଯୋଗୁଁ ଚାବି ପୂର୍ତ୍ତ ବିଭାଗକୁ ପ୍ରଦାନ କରୁନାହାନ୍ତି। ତେଣୁ ପୂର୍ତ୍ତ ବିଭାଗ ଆଇସିଡିଏସ ବିଭାଗକୁ ଗୃହ ହସ୍ତାନ୍ତର କରି ପାରୁନାହିଁ ଏହି ମିଛ କୁ ଲୁଚାଇବା କୁ ଯାଇ ପୂର୍ତ୍ତ ବିଭାଗ ଆଇସିଡି ଏସ ବିଭାଗ ଉପରେ ଦୋଷ ଲଦି ଦେଉଛି। ପୂର୍ତ୍ତ ବିଭାଗର ଏସଡିଓଙ୍କୁ ପଚାରିବାରୁ ଏହା ଶତ ଠିକାଦାରଙ୍କ କିଛି ପାଉଣା ବାକି ରହିଛି ବୋଲି କହିଥିଲେ। ବିଭାଗ ତରଫରୁର ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି ଓ ଠିକାଦାରଙ୍କ ସହିତ ଆଲୋଚନା କରିଛୁ ସେ କିଛି ଦିନ ମଧ୍ୟରେ ଆମକୁ ଚାବି ପ୍ରଦାନ କରିବେ ତା'ପରେ ଆମେ ଆଇସିଡିଏସ ବିଭାଗକୁ ଗୃହ ହସ୍ତାନ୍ତର କରିଦେବୁ ବୋଲି କହିଥିଲେ।

# ଆସନ୍ତା ୧୪ରୁ ବାରିପଦାରେ ଗଣପର୍ବ ବଳାଙ୍ଗୀ ମହୋତ୍ସବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ ଆଗାମୀ ଥର ୨୧ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି




ଜିଲ୍ଲାରେ ଭାଇଚରାର ପରମ୍ପରାକୁ ମଜ୍‌ଭୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମଞ୍ଚା ବନ୍ଧା ଇକୋ ଟୁରିଜିମ୍ ସ୍ଥଳରେ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚେୟାରପର୍ସନ ଅରବିନ୍ଦ ଦାସ, ଉପଦେଷ୍ଟା ଡ. ବିଜୟ କୁମାର ଅଗ୍ରୱାଲ, କମଳେନ୍ଦୁ ଲାଲ ମହାନ୍ତ, ବାରିପଦା ଉପନଗର ପାଳ ସୀମା ଦାସ, କାଉନସିଲର ସୁକେଶିନୀ ସେଠି, ଭାଗବତ ପଣ୍ଡା, କାବେରୀ ମିଶ୍ର, ସରୋଜ କୁମାର ଖୁଣ୍ଟିଆ, ରାକେଶ ସିଂ, ଇଂ ଶିରୀଶ ହେମ୍ବ୍ରମ, ଜେମାମଣୀ ମହାନ୍ତ, ବୈଦ୍ୟନାଥ ଆଚାର୍ଯ୍ୟ, ମୂର୍ଚ୍ଛନା ଦାସ ପଟ୍ଟନାୟକ, ପ୍ରାଧ୍ୟାପକ ସୁନୀଲ ଜେନା, ପ୍ରଭାତି ମହାନ୍ତି, ନିରୋଜ କୁମାର ପୋଥାଳ ପ୍ରମୁଖ ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଡ. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗ ଦେଇଥିବା ବେଳେ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକ ଆଗାମୀ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରିଥିଲେ। ପୂଜା କମିଟିର ଅଧ୍ୟକ୍ଷ ରାଜୀବ ଲୋଚନ ସେନାପତି, ସଦସ୍ୟ ପିତାମ୍ବର ମଲ୍ଲିକ, ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ସୟେଦ ସିରାଜୁଦ୍ଦିନ, ଇନ୍ଦୁମତି ମହାନ୍ତି ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ଭାରତୀୟଙ୍କ ପାଇଁ ସତର୍କ ଘଣ୍ଟି

ଭାରତକୁ ସଞ୍ଚୟର ଦେଶ ବୋଲି କୁହାଯାଏ । ଭାରତୀୟ ଲୋକଙ୍କ ଏହି ସଞ୍ଚୟ ଗୁଣ ଯୋଗୁ ୨୦୦୮ରେ ଦେଖା ଦେଇଥିବା ବିଶ୍ୱ ମାନ୍ଦାବସ୍ଥାରେ ବି ଭାରତ ତିଷ୍ଠି ଯାଇଥିଲା । ହେଲେ ଆଜିର ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି । ଲୋକଙ୍କ ପାଖରେ ଆଉ ରହୁ ନାହିଁ ସଞ୍ଚୟ । ହେଲେ ଋଣରେ କିଣା ଚାଲିଛି କାର୍ ଓ ମୋବାଇଲ୍ । ତୋଳା ଚାଲିଛି ବିଳାଶମୟ ଘର । ପଶ୍ଚାତ୍ୟ ସଭ୍ୟତାରେ ବଞ୍ଚୁଛନ୍ତି ଭାରତୀୟ ଲୋକେ ।

ପାଖରେ ସଞ୍ଚୟ ରହୁ ନଥିଲେ ବି ଅର୍ଥନୀତିଜ୍ଞଙ୍କ ଅନୁଯାୟୀ ବିଶ୍ୱର ବଡ଼ ଅର୍ଥନୀତିର ଦେଶ ତୁଳନାରେ ଭାରତୀୟ ଲୋକଙ୍କର ଋଣ ପରିଶୋଧ କ୍ଷମତା ଅଧିକ ରହିଛି । ଆପଣ ଜାଣିଲେ ଓ ଆଶ୍ଚର୍ଯ୍ୟ ହେବେ ଯେ ଭାରତୀୟଙ୍କ ପାଖରେ ନେଟ୍ ସେଭିଂ ଫିଗର ବର୍ତ୍ତମାନ ୪ ପ୍ରତିଶତରୁ କମ । ସରକାରୀ ତଥ୍ୟ ଏହି ରିପୋଟ୍ ଦେଇଛି ।

ଆର୍ଥିକ ବର୍ଷ ୨୦୨୨-୨୩ ଜିଡିପି ୫.୧ ପ୍ରତିଶତ ରହିଛି । ଦୀର୍ଘ ସମୟ ହେଲା ଚାଲି ଆସୁଥିବା ହାରାହାରି ଆକଳନ ୭ରୁ ୭.୫ ପ୍ରତିଶତରୁ ଏହା ଖୁବ୍ କମ୍ । ହେଲେ ୨୦୨୦-୨୧ ରେ ଏହା ୧୧.୫ ପ୍ରତିଶତ ଥିଲା । ଭାରତୀୟ ଲୋକମାନେ ଏବେ ରିଅଲ୍ ଇଷ୍ଟେଟ୍ ଏବଂ ଗାଡ଼ି କିଣିବା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ସେମାନଙ୍କର ଋଣ ବୃଦ୍ଧି ହେଉଛି । ତଥାପି, ଭାରତୀୟମାନଙ୍କର ଋଣ ପରିଶୋଧର କ୍ଷମତା ଦୁନିଆର ବଡ଼ ଦେଶ ଅପେକ୍ଷା ଅଧିକ ବୋଲି ଅର୍ଥନୀତିଜ୍ଞ କହୁଛନ୍ତି ।

ହେଲେ ସଞ୍ଚୟ ହ୍ରାସ ହେବା ଯୋଗୁ ଆଗକୁ ଭାରତୀୟମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ତଥାପି ଭରାତୀୟମାନେ ନିଜ ଉପରେ ଦ୍ରୁତ ଗତିରେ ଋଣ ବୃଦ୍ଧି କରି ଚାଲିଛନ୍ତି । ଦେବାନଦାରୀ ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଡିପିର ୫.୮ ପ୍ରତିଶତ ହୋଇଯାଇଛି । ତେବେ ରିଜର୍ଭ ବ୍ୟାଙ୍କର ବିଶ୍ଳେଷଣ ଅନୁଯାୟୀ ସଞ୍ଚୟ ହ୍ରାସର ଆକଳନ ବର୍ତ୍ତମାନ ସ୍ଥିର ରହିଛି । ଏହା ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । କାରଣ ଭାରତୀୟ ପରିବାର ସମ୍ପତ୍ତି ଏବଂ ଗାଡ଼ି କିଣିବା ପାଇଁ ନିଜର ସଞ୍ଚୟକୁ ବ୍ୟବହାର କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଭାରତରେ ମାର୍ଚ୍ଚ ୨୦୨୩ ରେ ଡେଟ୍ ସର୍ଭିସ ରେସିଓ ଅନୁପାତ ୬.୭ ପ୍ରତିଶତ ଥିଲା । ଆମେରିକାରେ ଋଣ ଅନୁପାତ ୭.୮ ପ୍ରତିଶତ, ଜାପାନରେ ୭.୫ ପ୍ରତିଶତ, ବ୍ରିଟେନରେ ୮.୫ ପ୍ରତିଶତ, କାନାଡାରେ ୧୪.୩ ପ୍ରତିଶତ ଏବଂ କୋରିଆରେ ୧୪.୧ପ୍ରତିଶତ ଥିଲା । ତେଣୁ ଏସବୁ ଦେଖିଲେ ବିଶ୍ୱର ଅନ୍ୟ ଆର୍ଥିକ ଶକ୍ତିଶାଳୀ ଦେଶ ଠାରୁ ଭାରତର ସ୍ଥିତି ଭଲ ରହିଛି ।

# କାହିଁ ସେହି କଳ୍ପିତ ସ୍ୱର୍ଗ ଓ ପାତାଳ ରାଜ୍ୟ ?



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରାୟ ସମସ୍ତ ଧର୍ମ ଶାସ୍ତ୍ରରେ ସ୍ୱର୍ଗ ରାଜ୍ୟର ବର୍ଣ୍ଣନା ରହିଥାଏ ଓ ସେସବୁକୁ ବ୍ୟାଖ୍ୟା କରାଯାଇ ବିଭିନ୍ନ ଗପ, ପ୍ରବନ୍ଧ ଓ କବିତା ମାନ ବି ପ୍ରକାଶିତ ହୋଇଛି । ସେଠାରେ ଦେବତା ଓ ଅପ୍ସରାମାନେ ରହିଥାନ୍ତି ଓ ସର୍ବଦା ମଳୟ ପବନ ବହୁଥାଏ । ପୁଣି କୌଣସି ପଦାର୍ଥର ମଳିନତା ସେଠାରେ ନ ଥାଏ କି କେହି ବୃଦ୍ଧାବସ୍ଥାରେ ପହଞ୍ଚ ନଥାନ୍ତି । ତେବେ ସେପରି ନୈସର୍ଗିକ ସ୍ଥାନର ଅବସ୍ଥିତି କେଉଁଠି ତାହା କେହି ଜାଣନ୍ତି ନାହିଁ । କେବଳ ଅଙ୍ଗୁଳି ନିର୍ଦ୍ଦେଶରେ ଶୂନ୍ୟ ଆକାଶକୁ ଦେଖାଇ ଦିଅନ୍ତି ।

ଏହି ପ୍ରାଚୁର୍ଯ୍ୟ ସମ୍ପନ୍ନ ସ୍ୱର୍ଗ ରାଜ୍ୟ ସଂପର୍କରେ ବିଶ୍ଳେଷଣ କଲେ ଜଣାପଡେ ଯେ ତାହା କଳ୍ପନା ପ୍ରସୂତ ମାତ୍ର । ସ୍ୱ ଚକ୍ଷୁରେ କେହି ସେପରି ସ୍ୱର୍ଗ ରାଜ୍ୟ ଦେଖି ନାହାଁ । ମହାଭାରତରେ ଧର୍ମରାଜ ଯୁଧିଷ୍ଠିର ସ୍ୱ ଦେହରେ ସ୍ୱର୍ଗ ରାଜ୍ୟକୁ ଯିବା କଥାର ବର୍ଣ୍ଣନା ରହିଛି । ମାଣ୍ଡୁକ ଉପନିଷଦରେ ନଚିକେତା ମଧ୍ୟ ସ୍ୱର୍ଗ ରାଜ୍ୟରେ ଯମଙ୍କ ସହ କଥପୋକଥନର ବର୍ଣ୍ଣନା କରାଯାଇଛି ।

ଯଦି ଏହି ନୀଳ ଆକାଶକୁ ସ୍ୱର୍ଗ ରାଜ୍ୟର ଅଂଶ ବିଶେଷ ଭାବେ କୁହାଯାଏ ତେବେ ଏହା ପୃଥିବୀ ପୃଷ୍ଠକୁ ଘେରି ରହିଥିବା ବାୟୁ ମଣ୍ଡଳ ମଧ୍ୟରେ ସୀମାବଦ୍ଧ । ସୂର୍ଯ୍ୟ କିରଣକୁ ବିଶ୍ଳେଷଣ କଲେ ସେଥିର ସାତଟି ରଙ୍ଗ ଥାଏ । ତାହା ହେଉଛି ବାଇଗେଣି, ଘନ ନୀଳ, ନୀଳ, ସବୁଜ, ହଳଦିଆ, ଲାଲ ବା ଲୋହିତ ଓ ନାରଙ୍ଗୀ । ଆକାଶରେ ଦେଖା ଯାଉଥିବା ଇନ୍ଦ୍ରଧନୁ ହିଁ ତାର ପ୍ରତୀକ । ମୟୂର ଚନ୍ଦ୍ରିକାରେ ମଧ୍ୟ ଥାଏ ସାତଟି ରଙ୍ଗ । ନୀଳ ରଙ୍ଗର ବିଚ୍ଛୁରତା ଅଧିକ ଥିବାରୁ ପୃଥିବୀ ଉପର ବାୟୁ ମଣ୍ଡଳ ନୀଳ ଦେଖାଯାଏ । ମହାକାଶରୁ ପୃଥିବୀର ରଙ୍ଗ ଆଗରୁ ନୀଳ ଦେଖାଯାଉଥିଲା । ମାତ୍ର ଏବେ ଲୋହିତ ଦେଖାଯାଉଥିବା ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ଉକ୍ତିରୁ ଜଣାପଡ଼େ । ପୃଥିବୀ ପୃଷ୍ଠକୁ ଘେରି ରହିଥିବା ଏହି ବାୟୁ ମଣ୍ଡଳ ପ୍ରାୟ ଏକ ହଜାର କିଲୋମିଟର ବ୍ୟାପ୍ତ । ଯଦି ଯୁକ୍ତି ହୁଏ ଏହି ବାୟୁ ମଣ୍ଡଳ ପରେ ସ୍ୱର୍ଗ ରାଜ୍ୟ ଅଛି ତେବେ ସେଭଳି ଯୁକ୍ତିର ଯଥାର୍ଥତା ଆଦୌ ନାହିଁ । ତାକୁ କେବଳ ମହାଶୂନ୍ୟ ବା ମହାକାଶ କୁହାଯାଇପାରେ । ସେହି ସ୍ଥାନର ଭାର ନଥାଏ । କୌଣସି ପଦାର୍ଥକୁ ସେଠାରେ ନିକ୍ଷେପ କରାଗଲେ ତାହା ଓଜନ ହରାଇ ସେହି ମହାଶୂନ୍ୟରେ ହିଁ ଭାସି ଉଠିଥାଏ । ତାହା କେବଳ ଅନ୍ଧାର ଆଉ ଅନ୍ଧାର । ମହାକାଶରେ ଭାସି ବୁଲୁଥିବା ଅସଂଖ୍ୟ ଗ୍ରହ ନକ୍ଷତ୍ର ପୁଞ୍ଜ ଏହି ଘନକୃଷ୍ଣ ଅନ୍ଧକାର ମଧ୍ୟରେ ଚିକ୍ ଚିକ୍ କରୁଥିବା ଦେଖାଯାଇଥାନ୍ତି । ମହାକାଶ ଯାନରେ ଥରେ ଏହି ସ୍ଥାନର ଦୃଶ୍ୟ ଯିଏ ଦେଖିଛି ତାହା ମନରୁ ସ୍ୱର୍ଗ ରାଜ୍ୟର କଳ୍ପନା ଆପେ ଆପେ ଅପସରି ଯାଏ । ପୃଥିବୀ ପୃଷ୍ଠରୁ କୌଣସି ଗୋଟିଏ ସ୍ଥାନରୁ ଗତିକରି ତାହାର ସମଗ୍ର ବାୟୁ ବେଷ୍ଟିତ ଅଞ୍ଚଳର ପରିଧିରେ ବୁଲି ପୁଣି ସେହି ସ୍ଥାନକୁ ଫେରି ଆସିବାକୁ ହୋଇଥାଏ । ମାତ୍ର ମହାଶୂନ୍ୟରେ ଏହା ଅସମ୍ଭବ । ଆମର ପୃଥିବୀ ସୌର ଜଗତର ଗୋଟିଏ ମାତ୍ର ଗ୍ରହ ଓ ଗଣନାରେ ଏହିଭଳି ଆହୁରି ଆଠଟି ଅଛନ୍ତି । ପୁଣି କେତେକ କ୍ରମଶଃ ଆବିଷ୍କାର ହେଉଛି । ମାତ୍ର ମହାକାଶର ପରିଧିରେ ଏହା ଏକ କ୍ଷୁଦ୍ର ବିନ୍ଦୁ । ସୂର୍ଯ୍ୟଙ୍କର ଆଲୋକ ଓ ପ୍ରଚଣ୍ଡ ଉତ୍ତାପ ଯେ କିଭଳି ଭୟଙ୍କର ତାହା ପ୍ରତ୍ୟେକ ଜାଣନ୍ତି । ତେଣୁ ସେହି ତୁଳନାରେ ସୂର୍ଯ୍ୟଠାରୁ ବହୁଗୁଣରେ ବିଶାଳ ଥିବା ତାରକା କଥା ଟିକିଏ ଭାବିଲେ ସ୍ୱତଃ ମନରେ ଭୀତି ସଂଚାର ହୁଏ ।

ଆଗରୁ ଆଲୋଚିତ ଯେ ସୂର୍ଯ୍ୟ ଏକ ଉତପ୍ତ ଜ୍ୱଳନ୍ତ ଅଗ୍ନି ପିଣ୍ଡ ରୂପୀ ନକ୍ଷତ୍ର ଯାହାକି ପୃଥିବୀଠାରୁ ୧୫ କୋଟି କିଲୋମିଟର ଦୂରରେ ଅବସ୍ଥିତ । ଏଠାରୁ ଆସୁଥିବା ଆଲୋକର ୨୦୦ କୋଟି ଭାଗରୁ ମାତ୍ର ଏକଭାଗ ପୃଥିବୀକୁ ଘେରି ରହିଥିବା ବାୟୁ ମଣ୍ଡଳ ମଧ୍ୟରେ ଏହା ପ୍ରବେଶ କରିଥାଏ । ଏହି ବାୟୁମଣ୍ଡଳ ଯବକ୍ଷାରଜାନ, ଅମ୍ଳଜାନ, ଅଙ୍ଗାରକାମ୍ଳ, ଆରଗନ, ହିଲିୟମ୍ ଭଳି ଗ୍ୟାସ ଧୂଳିକଣା, ଜଳୀୟ ବାଷ୍ପ ଇତ୍ୟାଦିରେ ପରିପୂର୍ଣ୍ଣ । ପ୍ରତ୍ୟେକ ଗ୍ୟାସ୍‌ର ସ୍ୱତନ୍ତ୍ର ଧର୍ମ ରହିଛି । ଅଙ୍ଗାରକାମ୍ଳ ଓ ଜଳୀୟ ବାଷ୍ପ ପୃଥିବୀର ବାୟୁମଣ୍ଡଳ ତାପ ମାତ୍ରାକୁ ନିୟନ୍ତ୍ରିତ କରୁଥିବାବେଳେ ଧୂଳିକଣା ସୂର୍ଯ୍ୟାଲୋକକୁ ନିୟନ୍ତ୍ରିତ କରିଥାଏ । ତେଣୁ ମହାକାଶରୁ ଆସୁଥିବା ସୂର୍ଯ୍ୟ କିରଣର ତୀବ୍ରତା ଏଠାରେ ଉପଲବ୍ଧ କରିହେଉନାହିଁ । ଯେତେଗୋଟି ଗ୍ରହ ବର୍ତ୍ତମାନ ଆବିଷ୍କୃତ ହୋଇଛି ସେଠାକୁ କେହି ଯାଇନାହାନ୍ତି । ଗାଣିତିକ ହିସାବରୁ ଜଣାଯାଏ ଯେ ମଙ୍ଗଳଗ୍ରହ ନିକଟରେ ପହଞ୍ଚିବାକୁ ପ୍ରାୟ ୬ ମାସ ସମୟ ଲାଗିବ । ଅର୍ଥାତ ମହାକାଶ ଯାନରେ ଗଲେ ପ୍ରାୟ ଏକ ବର୍ଷ ପରେ ପୁଣି ପୃଥିବୀକୁ ଫେରି ଆସିହେବ । ପୃଥିବୀର ଉପଗ୍ରହ ଚନ୍ଦ୍ରକୁ ଯାଇ ଫେରି ଆସିଥିବା କିଭଳି ବ୍ୟୟସାଧ୍ୟ ଓ କଷ୍ଟକର ତାହା ପ୍ରାୟ ସମସ୍ତଙ୍କୁ ଜଣା । ଚନ୍ଦ୍ରରେ ଭାର ଶୂନ୍ୟତା ସହ ରହିଛି ଅଳ୍ପ ବାୟୁର ସ୍ତର । ଜଳଶୂନ୍ୟତା ହେତୁ ଜୀବ ଜଗତର ସ୍ଥିତି ସେଠାରେ ଆଦୌ ନାହିଁ । ଅବଶ୍ୟ ପୃଥିବୀ ପରି ମାଟି ଓ ପଥରରେ ତାହା ଗଢ଼ା । ତେଣୁ ଏହିଭଳି ମହାଜଗତର ସ୍ୱର୍ଗରାଜ୍ୟ କେଉଁଠାରେ ଅଛି ତାହା କହି ହେବ ନାହିଁ ।

ତେବେ ଏହି ବିଶାଳ ଜଗତର ସ୍ରଷ୍ଟା କିଏ ତାହା ଭାବିଲେ ସ୍ତମ୍ଭୀଭୂତ ହେବାକୁ ପଡ଼ିଥାଏ । ସେଥିପାଇଁ ସ୍ରଷ୍ଟାଙ୍କର ଅପୂର୍ବ ରୂପକୁ କଳ୍ପନାରେ ନୀଳବର୍ଣ୍ଣ ରଖାଯାଇଛି । ଯାହାର ସାଙ୍କେତିକ ଅର୍ଥ ହେଲା ଅସୀମ । ସେହି ନୀଳାଭତନୁରେ ଅସଂଖ୍ୟ ଗ୍ରହ, ନକ୍ଷତ୍ର ପୁଞ୍ଜକୁ ନେଇ ଯଥାର୍ଥରେ ଭାଗବତାକାର କହିଛନ୍ତି ।

**ବ୍ରହ୍ମାଣ୍ଡ ମାଳ ମାଳ ହୋଇ**
**ତୋ ଲୋମ କୂପେ ବିରାଜଇ**

ସୂର୍ଯ୍ୟଙ୍କଠାରୁ ଉତ୍ପତ୍ତି ହୋଇଥିବା ଗ୍ରହମାନେ ନିଜ ଅକ୍ଷରେ ବୁଲିବା ସହ ସୂର୍ଯ୍ୟକୁ ମଧ୍ୟ ପ୍ରଦକ୍ଷିଣ କରିଥାନ୍ତି । ପ୍ରତ୍ୟେକର ଆକର୍ଷଣ ଶକ୍ତି ସୀମାବଦ୍ଧ । ଯେ ଯାହାର ସୀମା ମଧ୍ୟରେ ଗତି କରୁଥିଲେ ମଧ୍ୟ କେହି କକ୍ଷଚ୍ୟୁତ ହେଉନାହାନ୍ତି । ଏହି ଗାଣିତିକ ନିୟମକୁ ଉଲଘଂନ କଲେ କିଏ କେତେବେଳେ ଧ୍ୱଂସ ପାଇଯିବ ତାହା କହିହେବ ନାହିଁ । ଏହି ଘନକୃଷ୍ଣ ଅନ୍ଧକାର ମଧ୍ୟରେ ଏପରି ଆକର୍ଷଣ ଶକ୍ତିର କେନ୍ଦ୍ରବିନ୍ଦୁ କେଉଁଠି ଅଛି ତାହା ମଧ୍ୟ କେହି କହି ପାରିବେ ନାହିଁ । ଆମର ଏହି ପୃଥିବୀ ଯେପରି ବୃତ୍ତାକାରରେ ଗତିଶୀଳ ଏହାର ଉପରି ଭାଗରେ ଥିବା ସୃଷ୍ଟି ମଧ୍ୟ ସେହି ଆବର୍ତ୍ତନରେ ତାଳ ଦେଇ ଗତି କରି ଚାଲିଛି । ସୃଷ୍ଟିର ଋତୁଚକ୍ର ହିଁ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଏପରି ଚିନ୍ତାର ସମାପ୍ତି ନାହିଁ । ମନ ମଧ୍ୟରେ ଥିବା ଚିନ୍ତା ମହାସମୁଦ୍ରର ଉତ୍ତାଳ ତରଙ୍ଗ ତଟଦେଶରେ ମଥାପିଟି ବିଲୀନ ହୋଇ ଯାଉଛି । ନିର୍ବାକ ନିଷ୍ପନ୍ଦ ସୃଷ୍ଟିର ଏପରି ଭାବରେ କେବଳ ଶୁଭୁଛି ମହାକାଳର ଅଟ୍ଟହାସ ।

ଯୁକ୍ତି ହୁଏ ଯୋଗଦ୍ୱାରା ଶରୀର ପ୍ରବେଶସହ ଗ୍ରହାନ୍ତର ଯାତ୍ରା ଇତ୍ୟାଦି ବହୁକଥା । ସାଧାରଣ ମାନବ ପକ୍ଷରେ ସେ ସବୁ ବୁଝିବାର ଶକ୍ତି ନାହିଁ । ସେପରି ସାଧନା ସମସ୍ତଙ୍କ ପକ୍ଷରେ ବି ସମ୍ଭବ ନୁହେଁ । ଏହାକୁ ନେଇ ବହୁ ଗପର ମଧ୍ୟ ହୋଇଛି ସୃଷ୍ଟି । ମାତ୍ର ପ୍ରତ୍ୟେକଙ୍କୁ ସେ ସବୁ ଆକୃଷ୍ଟ କରିଥାଏ । ସ୍ୱର୍ଗ ରାଜ୍ୟ କଳ୍ପନାରେ ଘୁରି ବୁଲି ତାହାର ଜୀବନ ଚାଲିଯାଏ ।

ଏହି ସବୁ ଯୁକ୍ତି ମଧ୍ୟରେ ମନକୁ ସ୍ୱତଃ ପ୍ରଶ୍ନ ଆସେ (୧) ମୁଁ କିଏ (୨) କେଉଁଠୁ ଆସିଛି (୩) ଆଉ ଯିବି କୁଆଡ଼େ ? ଏହାର ବିଜ୍ଞାନ ସମ୍ମତ ଉତ୍ତର କେହି ଦେଇ ପାରିନାହାନ୍ତି । କେତେକ ପୁରାଣ ବର୍ଣ୍ଣିତ ଗପ ଓ ଶାସ୍ତ୍ରର ଯୁକ୍ତି ହିଁ ମନକୁ ଭୁଲାଇ ନେଇଥାଏ । ତେଣୁ ଏହି ଆମର ବାସସ୍ଥାନ ପୃଥିବୀ ହିଁ ସ୍ୱର୍ଗ । ଏହା ରତ୍ନଗର୍ଭା, ସୁଜଳା, ସୁଫଳା, ବିଭିନ୍ନ ଜୀବର ସୃଷ୍ଟି ଓ କୋଳାହଳରେ ସଦା ମୁଖରିତ । ଏପରି ଏକ ଅଲଗା ପୃଥିବୀ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ବିଶ୍ୱବନ୍ଦିତ କବି ବ୍ୟାସାବତାର ଶ୍ରୀଜୟଦେବଙ୍କ ଦଶାବତାର ବର୍ଣ୍ଣନାରେ ଜୀବର ସୃଷ୍ଟି ଓ ଗୁଣର ମୌଳିକତା ବିକଶିତ ହୋଇଛି । ସ୍ରଷ୍ଟାଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ ତାର ମାନବିକତାକୁ ନେଇ ଚଳି ପାରିଲେ ସୃଷ୍ଟି ମଧୂମୟ ହେବ । ଆଉ ଏହି ସୃଷ୍ଟିରେ ସୃଷ୍ଟିହେବ ଦେବ ବନ୍ଦିତ ବୃନ୍ଦାବନ । ଅଦୃଶ୍ୟ ବିଶ୍ୱପତି ତାଙ୍କ ସୃଷ୍ଟି ସହ ମିଶି ଯିବେ ଓ ତାଙ୍କ ମଧୂର ବଂଶୀ ନାଦରେ ନିନାଦିତ ହୋଇ ଉଠିବ ସମଗ୍ର ପୃଥିବୀ । ସ୍ରଷ୍ଟା ଓ ସୃଷ୍ଟିର ହେବ ମହାମିଳନ ।

**ପାତାଳ**

ପାତାଳ ସଂପର୍କରେ ମଧ୍ୟ ବହୁ ବର୍ଣ୍ଣନା ରହିଛି । ସ୍ରଷ୍ଟା ବାମନ ଅବତାର ଧାରଣ କରି ବଳିକୁ ପାଦରେ ପାତାଳ ପୁରକୁ ଚାପି ଦେଇଥିବାର ଉପାଖ୍ୟାନ ରହିଛି । ତାହାର ମାର୍ମିକ ତତ୍ତ୍ୱ ଅନ୍ୟ ହୋଇପାରେ । ମାତ୍ର ଲୋକମାନେ ଏହାକୁ ବିଶ୍ୱାସ କରି ଆସିଛନ୍ତି । ପୁଣି ବାସୁକୀ ନାଗ ପୃଥିବୀକୁ ଧାରଣ କରିଥିବା କୁହାଯାଏ । ମାତ୍ର ଏସବୁର କୌଣସି ସତ୍ୟତା ନାହିଁ । ପୃଥିବୀ ଏକ ଉତ୍ତପ୍ତ ପିଣ୍ଡରୁ ସୃଷ୍ଟି ଯାହାକି କ୍ରମଶଃ ଶୀତଳିତ ହୋଇ ଜୀବ ବାସପୋଯୋଗୀ ହୋଇପାରିଛି । ଏବେ ବି ପୃଥିବୀର ଆଭ୍ୟନ୍ତରଣ କେନ୍ଦ୍ର ପ୍ରଚଣ୍ଡ ଉତ୍ତପ୍ତ ବୋଲି ଭୂ-ବିଜ୍ଞାନୀମାନେ କହିଥାନ୍ତି । କୌଣସି ଉପାୟରେ ସେଠାକୁ ଯାଇ ହେବ ନାହିଁ । ପୃଥିବୀରେ ପ୍ରବାହିତ ଆକର୍ଷଣ ଶକ୍ତିର କେନ୍ଦ୍ରବିନ୍ଦୁ ସେଠାରେ ଥିବା କୁହାଯାଏ । ଯଦି ଗୋଲାକାର ପୃଥିବୀକୁ ପ୍ରଦକ୍ଷିଣ ସୂତ୍ରରେ ନିଆଯାଏ ଜଣେ ଗୋଟିଏ ସ୍ଥାନରୁ ବାହାରି ପୁନର୍ବାର ସେହି ସ୍ଥାନକୁ ଫେରି ଆସିବ । ମାତ୍ର ପୁରାଣ ବର୍ଣ୍ଣିତ ପୃଥିବୀର ଅଭ୍ୟନ୍ତରକୁ ପାତାଳ ଦେଶ କହିବା ଅଯୌକ୍ତିକ ଓ କଳ୍ପନା ପ୍ରସୂତ ମାତ୍ର ।

ତେଣୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପରିଚାଳକ ରୂପେ ଯେଉଁ ଅଦୃଶ୍ୟ ଶକ୍ତି ରହିଛି ତାଙ୍କୁ ହିଁ ଶତ ପ୍ରଣାମ ଜଣାଇ ନୀରବରେ ରହିବାକୁ ହିଁ ପଡ଼ିବ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ଯାଯାବରର ଡାଇରୀ-୫୧

## (ପାଠ ପଢିଲେ ସବୁ ଜାଣିବୁ)



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଟିଡ ରୟାଲ ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୭୦୧୯୮୫୭

ଯେତେ ଝଡ ଝଞ୍ଜା ଆସୁନା କାହିଁକି, ପାହାଡପରି ଅବିଚଳିତ ଥିଲେ, ନନା । ଭାଇ, ବନ୍ଧୁ, ସାହିପଡିଶାର ଲୋକଙ୍କ ସହଯୋଗ କ୍ରମେ ବସନ୍ତର ବାହାଘର ଯଥାରୀତି ସମାପନ ହେଲା । ଏହି କ୍ଷେତ୍ରରେ ମୋର ବଡ ଭଉଣୀ ମୋଚି ନାନୀ ଓ ଉପାଧ୍ୟା ଘର ନାନୀଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ନନାଙ୍କ ଅନୁରୋଧ କ୍ରମେ ଅନେକ ବଡ ବ୍ୟବସାୟୀ ଧାର ସୂତ୍ରରେ ଲୁଗାପଟା, ଖାଦ୍ୟ ପଦାର୍ଥ ଠାରୁ ଆରମ୍ଭ କରି ବିବାହ ପାଇଁ ଆବଶ୍ୟକ ସମସ୍ତ ଜିନିଷ ଯୋଗାଇ ଦେବା ଫଳରେ ବିବାହ କ୍ଷେତ୍ରରେ କୌଣସି ଅସୁବିଧା ହୋଇ ନଥିଲା । ମନେ ମନେ ମୁଁ ଆଶ୍ଚର୍ଯ୍ୟ ହେଉଥିଲି, ମନରେ ପ୍ରଶ୍ନବାଚୀ, ନନା ଏତେ ଟଙ୍କା ଆଣିଲେ କେଉଁଠାରୁ ? ପରେ ପରେ ଜାଣିବାକୁ ପାଇଲି, ସବୁ ଜିନିଷ ଧାରରେ ଆସିଛି, ସପ୍ତାହେ ମଧ୍ୟରେ ପରିଶୋଧ କରିବାକୁ ପଡିବ । ଏତେ କମ୍ ସମୟ ମଧ୍ୟରେ ସମସ୍ତ ଋଣ ପରିଶୋଧ କରିବା ଆମପାଇଁ ସ୍ୱପ୍ନଥିଲା । ପରବର୍ତ୍ତୀ ସମୟରେ ନିଜର ପ୍ରାପ୍ୟ ସଂଗ୍ରହ ନିମନ୍ତେ ବାରମ୍ବାର ବ୍ୟବସାୟୀଙ୍କ ଗୃହକୁ ଆଗମନରେ ବୋଉ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା । ଅଧିକାଂଶ ସମୟ ନନା ଆଉ ମୁଁ ଘରେ ଅନୁପସ୍ଥିତ ରହୁଥିଲୁ । ମୁଁ ମୋର ପାଠପଢା ଓ ଟ୍ୟୁସନ କରିବାରେ ବ୍ୟସ୍ତ ରହୁଥିବା ବେଳେ, ନନା ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ ବହୁତ ସମୟ ବାହାରେ ରହୁଥିଲେ । ଯୁଦ୍ଧ କ୍ଷେତ୍ରରେ ରାଜାମାନଙ୍କ ଅପେକ୍ଷା ପ୍ରଜାମାନେ ଯେପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଜୀବନ ଯୁଦ୍ଧରେ ବୋଉ ସେମିତିଥିଲା ଆଗଧାଡିର ଜଣେ ସୈନିକ । ତେଣୁ ଘରକୁ ଆସୁଥିବା ଋଣଦାତା ମାନଙ୍କର କର୍କଶ ଭାଷାର ସମ୍ମୁଖୀନ ହେଉଥିଲା ବୋଉ । ଘରକୁ ଫେରିଲେ ବୋଉର ମୁଖ ମଣ୍ଡଳରୁ ମୁଁ ସବୁକଥା ବୁଝି ପାରୁଥିଲି, ହେଲେ ସମାଧାନର ପନ୍ଥା ମୋ ପାଖରେ କିଛି ନଥିଲା ।

ବସନ୍ତ ଶାଶୁଘରକୁ ଚାଲିଯିବା ପରେ ଘରଟା ଭଲ ଲାଗୁନଥିଲା । ସେ ମୋ ଠାରୁ ମାତ୍ର ଦେଢବର୍ଷ ସାନ । ରଥର ସାରଥୀ ପରି ଘରେ ପହଞ୍ଚିବା ମାତ୍ରେ ସେ ମୋର ପାଖକୁ ଆସି ଧୀରସ୍ୱରରେ ଘରର ସମସ୍ତ ସୁଖ-ଦୁଃଖର କାହାଣୀ କହୁଥିଲା । ଅନ୍ୟ ତିନିଭାଇ ମୋ ଠାରୁ ବୟସରେ ବହୁତ କମ । ଅସୁବିଧା ଯେତେହେଲେବି, ମୋତେ ଜଣାଇବାକୁ ସେମାନେ ସାହସ କରୁନଥିଲେ । ଦିନେ ନନାଙ୍କର ଗୁରୁ, ଗାଁମୁଣ୍ଡି ଗାଆଁର ପଦ୍ମଚରଣ ଦାଶ, ଘରକୁ ଆସିବା ବେଳେ ଦେଖିଲେ, ଆମ ମାନଙ୍କ ଅନୁପସ୍ଥିତିରେ, ଘରବାଲା ଅତି କଦର୍ଯ୍ୟ ଭାଷାରେ ଗାଳି କରିବା ସହିତ ସତର୍କ କରି କହୁଛି, ଘରଭଡା ଦେଇ ନପାରିଲେ ଘରଛାଡି ଚାଲିଯାଅ । ଦାଶ ଆପଣେ, ତାକୁ ବୁଝେଇ ସୁଝେଇ କହିଲେ, ଶ୍ରୀଧର ଘରେ ନାହିଁ, ତମେ ଏକଥା କାହାକୁ କହୁଛ ? ଘରେ ସମସ୍ତେ ପିଲା, ସେମାନେ ତମକୁ କଣ ଉତ୍ତର ଦେବେ ? ଠିକ୍ ଅଛି ଶ୍ରୀଧର ଫେରୁ, ସେ ତମର ଘରଛାଡି ଚାଲିଯିବ । ଦାଶ ଆପଣଙ୍କ କଠୋର ସ୍ୱରଶୁଣି ଘରବାଲା ଚୁପ୍ ଚାପ୍ ଚାଲିଗଲା । ଦାଶ ଆପଣେ ଘର ଭିତରକୁ ଆସି କହିଲେ, ତମେ ମାନେ, ଏଠାରେ ରହିଛ କିମିତି, ଅନ୍ତତଃ ଶ୍ରୀଧର ମୋତେ କିଛି କହି ପାରିଥାଆନ୍ତା । ଠିକ୍ ଅଛି, ସେ ଫେରୁ, ରଥଘର ସାହିର ଆମର ଘର ଖାଲି ଅଛି, ତମେମାନେ ସେଠାକୁ ଚାଲିଯିବ । ପରବର୍ତ୍ତୀ ଦିନ ରଥସାହିକୁ ଯାଇ, ଦାଶ ଆପଣେଙ୍କ ଘରଟିକୁ ଦେଖି ଆସିଲି । ପକ୍କା ଝିଙ୍କର ଘର, ଦାଣ୍ଡରୁ ବାଡିଯାଏ ସିମେଣ୍ଟ ଚଟାଣ । ପ୍ରତିଦିନ ଲିପାପୋଛାର ଆବଶ୍ୟକତା ନାହିଁ । ଟିଉସନ କରିବା ସକାଶେ ପ୍ରଶସ୍ତ ବାରଣ୍ଡା । ବୋଉକୁ କହିଲି ଯଲଦି ଏ ଘର ଛାଡିବା ପାଇଁ । ବୋଉ ବୁଝେଇ କହିଲା, ଦେଖୁଛୁତ ଘରର ଅବସ୍ଥା, ମାସକୁ ଦଶଟଙ୍କା ଘରଭଡା ଦେଇ ପାରୁନେ ବୋଲି ନା'ନା କଥା ଶୁଣୁଛେ, ଦାଶ ଆପଣେ ହେଲେ ନନାଙ୍କର ଗୁରୁସ୍ଥାନୀୟ ଲୋକ, ସେ କେତେ ଭଡାନେବେ କିଏ କହିବ ? ନନା ଆସନ୍ତୁ, ସେ ଯାହା କହିବେ ତାହା ହେବ ।

ନିଜର ହାତଗଢା ଘରଟିକୁ ପରିତ୍ୟାଗ କରି, ବର୍ଷା ଅନ୍ଧାର ରାତିରେ ସିଗିଡି ସାହିର ପରିତ୍ୟକ୍ତ ଘରକୁ ସ୍ଥାନାନ୍ତରର ସ୍ମୃତି ମୋତେ ଆଜି ବି ଜଳଜଳ ହୋଇ ଦେଖାଯାଉଛି । ସେହି ଘର ଅଗଣାରେ ଥିବା ସଜନା ଗଛଟିକୁ ବାଦ ଦେଲେ କୌଣସି ଦୃଷ୍ଟି କୋଣରୁ ଘରଟି ଆମ ପାଇଁ ଉପଯୋଗୀ ନଥିଲା । ବରଂ ସେଇ ଘରେ କଟିଥିବା ଦୀର୍ଘ ତିନିବର୍ଷ ଆମ ପାଇଁ ଥିଲା ଅତ୍ୟନ୍ତ ଯନ୍ତ୍ରଣାଦାୟକ ।

ନନା ଦୀର୍ଘ ଦିନପରେ ଘରକୁ ଫେରିବା ପରେ ଦାଶ ଆପଣଙ୍କ ସହିତ ଆଲୋଚନା କରି ସ୍ଥିର କଲେ ଗୃହ ପରିବର୍ତ୍ତନ ପାଇଁ । ଏ କଥା ଶୁଣି ଆମେ ସମସ୍ତେ ଖୁସୀ ଥିଲା ବେଳେ, ବୋଉ ନନାଙ୍କୁ ପଚାରିଥିଲା ଘରର ଭଡା କେତେ ? କିଛି ସମୟ ନୀରବ ରହି, ନନା କହିଲେ ସେ କଥା ପରେ ସ୍ଥିର ହେବ । ବହୁତ ଅନୁରୋଧ କଲି, ସେ କହିଲେ ତୁ ଆଗ ପିଲାମାନଙ୍କୁ ନେଇ ଭଲରେ ରହ, ପରେ ଘରଭଡା କଥା ସ୍ଥିର କରିବା । ବୋଉ ନନାଙ୍କ କଥାରେ ସନ୍ତୁଷ୍ଟ ନଥିଲା । ଅଭାବଗ୍ରସ୍ତ ମଣିଷଟିଏ ସ୍ୱାଭିମାନୀ ହେଲେ କେତେ କଷ୍ଟ ପାଏ, ସେ ଠିକ୍ ଜାଣିଥିଲା ।

ସିଗିଡି ସାହିରୁ ରଥ ସାହି ଘରକୁ ଆସିବା ପରେ ପିଲାମାନେ ଖୁବ୍ ଖୁସୀରେ ଥିଲେ । ସୋମନାଥ ରଥଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ରହୁଥିବା ଏହି ସାହି, ସହରର ଗୋଟିଏ ପ୍ରମୁଖ ସାହି ଭାବେ ସେତେବେଳେ ପରିଗଣିତ ହେଉଥିଲା । ସୋମନାଥ ରଥଙ୍କ ସହିତ ନନାଙ୍କର ଖୁବ୍ ଭଲ ସମ୍ପର୍କ ଥିଲା । ପ୍ରକାରାନ୍ତରେ କହିବାକୁ ଗଲେ ନନା ଥିଲେ, ରଥ ପରିବାରର ଅଂଶ ବିଶେଷ ।

ନିଜ ସାହିରେ ନନାଙ୍କୁ ପାଇବା ଯୋଗୁଁ, ରଥବାବୁ ଖୁବ୍ ଖୁସୀ ଥିଲେ' ସେହି ବର୍ଷଟି ମୋ ପାଇଁ ଥିଲା କଠିନ ପରୀକ୍ଷାର ସମୟ । ଏକାଦଶ ଶ୍ରେଣୀ, ଅନେକ ସାଙ୍ଗସାଥୀ ଟିଉସନରେ ପଡି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ମୋତେ, ପରୀକ୍ଷାର ଚକ୍ରବ୍ୟୂହରୁ ମୁକ୍ତି ପାଇବା ପାଇଁ ଏକା ଏକା ଲଢେଇ କରିବାକୁ ପଡୁଥିଲା । ଇଂରେଜୀ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ମୁଁ ଭଲ କରୁଥିଲି । ସେତେବେଳେ ଗୁରାଣ୍ଡି ଅଞ୍ଚଳର ଶ୍ରୀଯୁକ୍ତ ପାଢୀଙ୍କ ଇଂରେଜ ବ୍ୟତୀତ ଅନ୍ୟ କୌଣସି ଶିକ୍ଷକ ଟିଉସନ କରୁନଥିଲେ । ମୋର ଭାରି ଇଛାଥିଲା ପାଢୀ ସାର୍‌ଙ୍କ ନିକଟରେ କିଛି ଦିନ ପଢିବା ପାଇଁ, କିନ୍ତୁ ତାହା ମୋ ପକ୍ଷରେ ସମ୍ଭବ ନଥିଲା । ଅର୍ଥାଭାବ ସାଙ୍ଗକୁ, ମୋ ପାଖରେ ପଢୁଥିବା ଟିଉସନ ଛାତ୍ରମାନଙ୍କୁ ଶିକ୍ଷାଦାନରୁ ବଂଚିତ କରିବାକୁ ଉଚିତ୍ ମଣିନଥିଲି । ସକାଳ ଓ ସଂଜରେ ଟିଉସନ ପରେ, ରାତିରେ ଖାଇସାରି ବାରଣ୍ଡାରେ ବସି ମୋର ଦୈନନ୍ଦିନ ଅଭ୍ୟାସରେ ପରିଣତ ହୋଇଥିଲା । ଦାଶ ଆପଣଙ୍କ ଘରେ ଆଲୁଅ ବ୍ୟତୀତ ପାଣି ପବନର ଅଭାବ ନଥିଲା । ଆଜିର ପରି ସେତେବେଳେ ସମସ୍ତଙ୍କ ଘରେ ବିଜୁଳୀ ଆଲୁଅ ନଥିଲା । ତେଣୁ ରାତିରେ ଲଣ୍ଠନ ଆଲୁଅରେ ପାଠ ପଢୁ ପଢୁ ଅବଶ ହୋଇ ଶୋଇ ପଡୁଥିଲି । ସେତେବେଳେ ଆମର ପଡିଶାଘରେ ଥିଲେ ଡାକ୍ତରଖାନାର ଜଣେ କମ୍ପାଉଣ୍ଡର । ସେ ଜାତିରେ ତେଲୁଗୁ । ଜଣେ କର୍ତ୍ତବ୍ୟ ପରାୟଣ ସରକାରୀ କର୍ମଚାରୀଭାବେ ତାଙ୍କର ସୁଖ୍ୟାତିଥିଲା । ସ୍ତ୍ରୀ, ପୁଅ ଓ ଦୁଇ ଝିଅଙ୍କୁ ନେଇ ତାଙ୍କର ପରିବାର । ଖୁବ୍ ଅଳ୍ପ ସମୟ ମଧ୍ୟରେ ସେମାନେ ଆମକୁ ନିଜର କରି ନେଇଥିଲେ । କମ୍ପାଉଣ୍ଡର ବାବୁଙ୍କ ସ୍ତ୍ରୀ ଜଣେ ସରଳ, ଅମାୟିକ, ସ୍ନେହଶୀଳା ମହିଳା । ମୋର ସଂଘର୍ଷମୟ ଜୀବନରେ, ଯେଉଁ କେତେଜଣ ମହିଳା, ମୋତେ ସାନ୍ତ୍ୱନା ଦେଇ ମୋର ମୁକ୍ତି ପଥକୁ ଆଲୋକିତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ହେଲେ କମ୍ପାଉଣ୍ଡର ବାବୁଙ୍କ ସ୍ତ୍ରୀ । ସମୟେ ସମୟେ ଗଭୀର ରାତିରେ, ସେ ଉଠିଆସି ମୋତେ କହୁଥିଲେ, ବାପା, ଏତେ ରାତି ହେଲାଣି, ତମେ ଆହୁରି ଶୋଇନ ? ଦେହ ଖରାପ ହେଇଯିବ, ତମେ ଯାଇ ଶୋଇପଡ । କି ସ୍ନେହ ବୋଳା କଥା । ପ୍ରସଙ୍ଗକ୍ରମେ ତାଙ୍କର ଆଉକିଛି କଥା ଆବଶ୍ୟକ ସ୍ଥଳେ ଲେଖିବି । ପରକ୍ଷଣରେ ତାଙ୍କର ପୁଅ ବାବୁ ରାଓ, ଜଣେ ଶୃଙ୍ଖଳିତ ଛାତ୍ରଭାବେ ମୋର ଟିଉସନରେ ପଢି କୃତକାର୍ଯ୍ୟ ହୋଇଥିଲା ।

ଜୀବନର କି ବୈଚିତ୍ର୍ୟତା । ଆମେ ଯେତେବେଳେ ଯେଉଁ ସ୍ଥାନରେ ବସା ବାନ୍ଧୁଥିଲୁ, ସେଠାରେ କେହି ନା କେହି ଜଣେ ମହିୟସୀ ମହିଳା, ଆମ ଜୀବନରେ ଆବିର୍ଭାବ ହୋଇ, ଆମ ସମସ୍ୟାର ସମାଧାନରେ ସହାୟିକା ସାଜୁଥିଲେ । ବୋଉର ସନ୍ଦେହ ସତ ହେଲା । ନୂଆ ଘରକୁ ଆସିବା ପରେ ଘରଭଡା ସଂପର୍କରେ ନନା ନୀରବ ରହିବା ଯୋଗୁଁ, ଦିନେ ଦାଶ ଆପଣେ ମୁହଁ ଖୋଲି କହିଲେ, କିରେ ଶ୍ରୀଧର ତୁକଣ ଘରଭଡା କଥା ନାଆଁ ଧରୁନୁ, ବାହାରି ଲୋକମାନେ ମାସକୁ ପଚିଶି ଟଙ୍କା ଦେଉଥିଲେ, ତୁ କୋଡିଏ ଟଙ୍କା ହେଲେ'ତ ଦବୁ । ଚୁପ୍ ରହିଗଲେ ହେବ କେମିତି ? କଣ ବା ଉତ୍ତର ଦେବେ ? ମୁଣ୍ଡ ଟୁଙ୍ଗାରୀ କହିଲେ ହଉ ମୋତେ କିଛିଦିନ ସମୟ ଦିଅନ୍ତୁ, ହିସାବ କରି ଦେଇଦେବି । ସେହି ଦିନଠାରୁ ମାସିକ ଭଡା ମୋର ଟିଉସନରୁ ପାଉଥିବା ଅର୍ଥରୁ ମୁଁ ପ୍ରଦାନ କରୁଥିଲି ।

ମାଟ୍ରିକ୍ ପରୀକ୍ଷା ପାଇଁ ବିଜ୍ଞାପନ ବାହାରିବା ପରେ, ପରୀକ୍ଷା ପ୍ରସ୍ତୁତ ନିମନ୍ତେ ମୁଁ କିଛି ଦିନ ପାଇଁ ଟିଉସନ ବନ୍ଦକରିଥିଲି । ପରୀକ୍ଷା ଫିସ୍ ଜମା ଦେବାକୁ ତାରିଖ ପାଖେଇ ଆସୁଥାଏ । ନନାତ ଅଭାବି ମଣିଷ । ବୋଉ ବାରମ୍ବାର ଏକଥା ମନେ ପକାଇବା ଫଳରେ ସମୟେ ସମୟେ ନନା ବିରକ୍ତ ହେଉଥିଲେ । ମୋର ବିପଦର ବନ୍ଧୁଥିଲା ବଡ ନାନୀ । ଦିନେ ଭଡା ସାଇକେଲ୍‌ଟିଏ ନେଇ କରଡାବାଡି (ବୁଗୁଡା) ଯାଇ ଏକଥା କହିବା ଫଳରେ ନାନୀ ମୋତେ ତିରଶି ଟଙ୍କା ଦେଲା ପରୀକ୍ଷା ଫିସ୍ ଜମା କରିବା ପାଇଁ । ଦିନ ରାତିକୁ ଏକାକାର କରି ବହୁ ପରିଶ୍ରମ କରି ପାଠ ପଢି ପରୀକ୍ଷା ଦେଲି, ହେଲେ ମୋ ଉପରେ ପ୍ରଭୁଙ୍କର ପରୀକ୍ଷା ଶେଷ ହୋଇନଥିଲା, ପ୍ରଥମ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲି । ମୋର ବିଫଳତାରେ ବିରକ୍ତ ହୋଇ ନନା କହିଲେ, ଆଉ ପରୀକ୍ଷା ଦେବା ଦରକାର ନାହିଁ ।

ପ୍ରତିକୂଳ ପରିସ୍ଥିତି ହିଁ ମଣିଷକୁ ଦୃଢ଼ମନା ହୋଇ ଆଗକୁ ଯିବାରେ ପ୍ରେରଣା ଯୋଗାଇଥାଏ । କେବଳ ଇଂରେଜୀ ବ୍ୟତୀତ, ଅନ୍ୟ ସମସ୍ତ ବିଷୟରେ ମୁଁ ଭଲ କରିଥାଏ । କିଛି ଅର୍ଥ ରୋଜଗାର ନିମନ୍ତେ, ପୁଣି ଆରମ୍ଭ କଲି ଟିଉସନ । ଦିନେ ଇଂରେଜୀ ଶିକ୍ଷକ ପାଢୀ ସାର୍‌ଙ୍କୁ ଦେଖାକରି ମୋର ମନର କଥା କହିବାରୁ ସେ ମୋତେ ପଢାଇବା ପାଇଁ ରାଜିହେଲେ, ହେଲେ ନିର୍ଦ୍ଦେଶ ଦେଲେ ତାଙ୍କ ଘରେ ରହି ସକାଳ ଚାରିଟାରେ ହେଉଥିବା କ୍ଲାସରେ ଯୋଗଦେବା ପାଇଁ । ମାସିକ ଟ୍ୟୁସନ ଫିସ୍ ଦଶଟଙ୍କା । ପିଲାମାନଙ୍କ ଟ୍ୟୁସନ ରୀତିମତ ପରେ ଚାଲିଥାଏ । ରାତିରେ ପାଢୀ ସାର୍‌ଙ୍କ ଘରକୁ ଯାଇ ଫେରେ ସକାଳ ସାତଟାରେ । ମୋର ଦୃଢ ମନୋଭାବର କଥା, ବୋଉ ମୁହଁରୁ ଶୁଣି, ପଡୋଶୀ ରାଓ ବାବୁଙ୍କ ସ୍ତ୍ରୀ ମୋତେ ଘରକୁ ଡାକି କହିଲେ ବାପା, କିଛି ମନେ କରିବନି, ତୁମର ପରୀକ୍ଷା ଫିସ୍ ମୁଁ ଦେବି, ତୁମେ ପରୀକ୍ଷାଦିଅ, ପ୍ରଭୁଙ୍କ ଦୟାରୁ ନିଶ୍ଚୟ ସଫଳ ହେବ । ଆଖିରେ ମୋର ଲୁହ ଆସିଗଲା । ଅନ୍ୟ ବିଷୟ ଉପରେ ଗୁରୁତ୍ୱ ନଦେଇ, ଇଂରେଜୀ ପଢା ଉପରେ ବିଶେଷ ଧ୍ୟାନ ଦେଇ ପରୀକ୍ଷା ଦେବା ସକାଶେ ମୋର ପ୍ରସ୍ତୁତି ଚାଲିଥାଏ । ଅନ୍ୟ ସହପାଠୀ ମାନଙ୍କଠାରୁ ଖବର ପାଇ ଦିନେ ପାଢୀ ସାର୍ ମୋତେ କହିଲେ, କିରେ ମନ୍ମଥ ତୁ ଟ୍ୟୁସନ ପଢ଼ାଇ ରୋଜଗାର କରୁଥିବା ଟଙ୍କାରୁ, ମୋତେ ଟ୍ୟୁସନ ଫିସ୍ ଦେଇ ପାଠ ପଢୁଛୁ ? ମୁଁ କଣ ଅମଣିଷ ? ମୋତେ ସିଧା କଥା କହି ପାରିଲୁନି ? ଠିକ୍ ଅଛି ତୁ ତ ମାସକର ଦକ୍ଷିଣା ଦେଇ ସାରିଛୁ । ଆଉ ଦେବା ଦରକାର ନାହିଁ । ସେଇ ଦୁଇ ମହାନ୍ ଆତ୍ମା ରାଓ ବାବୁଙ୍କ ସ୍ତ୍ରୀ ଓ ପାଢୀ ସାର୍‌ଙ୍କ ଆଶୀର୍ବାଦରୁ ମୁଁ ପରବର୍ତ୍ତୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସମାଜରେ ମୁଣ୍ଡଟେକି ଠିଆ ହୋଇଥିଲି । ଆଜିର ସମାଜରେ ଏପରି ବିରଳ ବ୍ୟକ୍ତିତ୍ୱ ସୃଷ୍ଟି ହେବା କଣ ସମ୍ଭବ ? କ୍ରମଶଃ

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜାନୁଆରୀ ୨୦୨୪ ବୁଧବାର

# ଆଭା

# ୧୦୮ଟି ସ୍ଥାନରେ ସୂର୍ଯ୍ୟ ନମସ୍କାର

ନୂଆବର୍ଷର ପ୍ରଥମ ଦିନରେ ଗୁଜରାଟବାସୀ ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେଠାରେ ୧୦୮ଟି ଭିନ୍ନ ଭିନ୍ନ ସ୍ଥାନରେ ୫୦ ହଜାରରୁ ଅଧିକ ଲୋକ ଏକସଙ୍ଗରେ ନୂଆବର୍ଷରେ ଗୁଜରାଟରେ ଗିନିଜ୍ ରେକର୍ଡ ସୂର୍ଯ୍ୟ ନମସ୍କାର କରିଥିଲେ। ଏହାକୁ ଗିନିଜ୍ ରେକର୍ଡରେ ସାମିଲ କରାଯାଇଛି। ମୁଖ୍ୟ କାର୍ଯ୍ୟକ୍ରମ ମୋଢ଼େରାସ୍ଥିତ ସୂର୍ଯ୍ୟମନ୍ଦିରରେ ଆୟୋଜିତ ହୋଇଥିଲା। ସେଠାରେ କେବଳ ୪ ହଜାରରୁ ଅଧିକ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ଛାତ୍ର ଛାତ୍ରୀ, ଯୋଗପ୍ରେମୀ, ବିଭିନ୍ନ ସଂଗଠନ ଓ ବରିଷ୍ଠ ନାଗରିକ ରହିଥିଲେ । ମୋଢ଼େରାର ମେଗା କାର୍ଯ୍ୟକ୍ରମ



ସମୟରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି ବି ଉପସ୍ଥିତ ରହିଥିଲେ।
ଗୁ ଜରାଟବାସୀଙ୍କ ଏହି ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପ୍ରଶଂସା କରିଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସେ ଲେଖିଛନ୍ତି, ଏକ ଉଲ୍ଲେଖନୀୟ ଉପଲବ୍ଧି ସହିତ ଗୁଜରାଟ ନୂଆବର୍ଷକୁ



ସ୍ୱାଗତ କରିଛି। ୧୦୮ଟି ସ୍ଥାନରେ ଏକ ସଙ୍ଗରେ ସବୁଠୁ ଅଧିକ ଲୋକଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର କରାଯିବାର ବିଶ୍ୱ ରେକର୍ଡ ସ୍ଥାପିତ ହୋଇଛି। ସେହିପରି ସୂର୍ଯ୍ୟ ନମସ୍କାରକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବାକୁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଧ୍ୟ ଏହି ଅବସରରେ ଗୁଜରାଟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।
ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି, ସାରା ବିଶ୍ୱ ପରମ୍ପରାଗତ ଭାବେ ୩୧ ତାରିଖ ମଧ୍ୟରାତି ରେ ନୂଆବର୍ଷକୁ ସ୍ୱାଗତ କରୁଥିବାବେଳେ ଗୁ ଜରାଟବାସୀ ଏକ ନିଆରା କାର୍ଯ୍ୟ ସହ ନୂଆବର୍ଷର ଆରମ୍ଭ କରିଛନ୍ତି। ଯୋଗକୁ ସାରା ବିଶ୍ୱର ଲୋକେ ଗ୍ରହଣ କରୁଛନ୍ତି । ଏହା କେବଳ ଶରୀରରେ ଶକ୍ତି ସଞ୍ଚାର କରେନାହିଁ, ବରଂ ଏକ ସୁସ୍ଥ, ଅଧିକ ସକ୍ରିୟ ଜୀବନ ପ୍ରତି ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିଥାଏ । ଏହା ପୂର୍ବରୁ ୨୦୨୩ରେ ସୁରଟରେ ଏକ ସଙ୍ଗରେ ଲକ୍ଷାଧିକ ଲୋକ ଯୋଗ କରି ବିଶ୍ୱ ରେକର୍ଡ କରିଥିଲେ ।

# ନୂଆବର୍ଷରେ ନିଅନ୍ତୁ ନୂଆ ସଂକଳ୍ପ



ପ୍ରତିଥର ନୂଆବର୍ଷ ଆସିଲେ ଅନେକେ କିଛି ନୂଆ କାର୍ଯ୍ୟ କରିବାର ସଂକଳ୍ପ ନେଇଥାନ୍ତି । କିଏ ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ବ୍ୟାୟାମ କରିବାକୁ ସଂକଳ୍ପ ନିଅନ୍ତି ତ ଆଉ କିଏ ଅଯଥାରେ ସମୟ ନଷ୍ଟ ନ କରି ପଢ଼ାପଢ଼ିରେ ମନ ଦେବାକୁ ଚିନ୍ତା କରିଥାନ୍ତି। ସେହିପରି ଆଉ କେହି କେହି ଜଙ୍କ୍‌ଫୁଡ୍ ଛାଡ଼ି ସନ୍ତୁଳିତ ଖାଦ୍ୟ ଖାଇବାକୁ ନିଷ୍ପତ୍ତି ନେଇଥାନ୍ତି। ଏମିତି ଗୋଟି ଗୋଟି କରି ଦେଖିଲେ ନୂଆବର୍ଷରେ ସଂକଳ୍ପ ନେବାର ତାଲିକା ବହୁ ଲମ୍ବା ହୋଇଯିବ। କିନ୍ତୁ ଏଠାରେ ଗୋଟେ ପ୍ରଶ୍ନ ଉଠୁଛି ଯେ, ନୂଆବର୍ଷରେ ନୂଆ ସଂକଳ୍ପ ନେଇଥିବା ବ୍ୟକ୍ତିମାନେ ବର୍ଷ ସାରା ସେହି କଥା ମାନି ଚଳୁଛନ୍ତି ନା ନାହିଁ। ମନୋବିଜ୍ଞାନୀଙ୍କ ମତରେ, ନୂଆବର୍ଷକୁ ସୁଖମୟ କରିବା ପାଇଁ କୌଣସି ସଂକଳ୍ପ ନୁହେଁ ବରଂ ନିଜର ସ୍ୱଭାବ ଉପରେ ଟିକେ ନଜର ଦେବା ଜରୁରୀ। ଯେମିତିକି: ଈଶ୍ୱରବିଶ୍ୱାସୀ ହେବା, ମନରେ ଗର୍ବ-ଅହଂକାର-ହିଂସା ନ ରଖି ଉଦାରଭାବ ରଖିବା, ନିଜକୁ ଭଲପାଇବା ସହ ଅନ୍ୟଙ୍କୁ ବି ଭଲପାଇବା ଦେବା, ମୁହଁରେ ସର୍ବଦା ହସହସ ଭାବ ରଖିବା, ନିଜର ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା, ମନରେ ସବୁବେଳେ କିଛି ନୂଆ ଶିଖିବାର ଆଗ୍ରହ ରଖିବା, ସୁଶିକ୍ଷା ଦେଉଥିବା ବହି ପଢ଼ିବାର ଅଭ୍ୟାସ ଜାରି ରଖିବା, ତା'ସହ ବୁଝିବିଚାରି ସବୁକଥାର ନିଷ୍ପତ୍ତି ନେବା ଇତ୍ୟାଦି। ଏହିସବୁ ଅଭ୍ୟାସକୁ ଯଦି ଜଣେ ବ୍ୟକ୍ତି କେବଳ ନୂଆବର୍ଷ ପାଇଁ ନୁହେଁ ଜୀବନସାରା ମାନନ୍ତି, ତା'ହେଲେ ଜୀବନ ସୁଖମୟ ହେବ।

# ଆମେରିକା, ୟୁରୋପରେ ସୋରିଷ ତେଲରେ ରାନ୍ଧିବା ନିଷେଧ

ରୋଷେଇରେ ତେଲର ଅନେକ ବିକଳ୍ପ ଅଛି। ଯେମିତି କି ସୋରିଷ ତେଲ, ଅଲିଭ୍ ତେଲ, ଅଳସୀ ତେଲ, ନଡ଼ିଆ ତେଲ, ମୁଗଫଳି ତେଲ, ପାମୋଲିନ ତେଲ ଇତ୍ୟାଦି। କିନ୍ତୁ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ଲୋକମାନେ ରୋଷେଇ ପାଇଁ ସୋରିଷ ତେଲ ବ୍ୟବହାର କରନ୍ତି। ଏହା ସବୁଠାରୁ ସୁରକ୍ଷିତ ବିକଳ୍ପ ଭାବରେ ବିବେଚନା କରାଯାଏ କିନ୍ତୁ ଖୁବ୍ କମ ଲୋକ ଜାଣିଥିବେ ଯେ, ଆମେରିକାରେ ସୋରିଷ ତେଲ ସହିତ ରାନ୍ଧିବା ନିଷେଧ। ତେବେ ଏହି ଦେଶର ଲୋକେ କେଉଁ ତେଲରେ ରୋଷେଇ କରି ଖାଇଥାନ୍ତି ସେ ସମ୍ପର୍କରେ ଜାଣନ୍ତୁ...
ସୋରିଷ ତେଲରେ ଅନେକ ଔଷଧୀୟ ଗୁଣ ରହିଛି। ଏହା ଆଣ୍ଟି-ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ ଏବଂ ଆଣ୍ଟିଭାଇରାଲ। ଏହି ତେଲ ଶରୀରରୁ ଯନ୍ତ୍ରଣା ଏବଂ ଫୁଲା କମାଏ। ଯଦି କାହାର ଗଣ୍ଠି ଯନ୍ତ୍ରଣା ହୁଏ, ତେବେ ଏହାକୁ ଗରମ କରି ଲଗାଇବା ଦ୍ୱାରା ଯନ୍ତ୍ରଣା ଶୀଘ୍ର ଦୂର ହୋଇଥାଏ। ସୋରିଷ ତେଲ ସୁସ୍ଥ କେଶ ଏବଂ ଚର୍ମ ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହି ତେଲ ଭାରତର ପ୍ରାୟ ପ୍ରତ୍ୟେକ ଘରେ ରୋଷେଇ ପାଇଁ ବ୍ୟବହୃତ ହୁଏ। କିନ୍ତୁ ଆମେରିକାରେ ଏହା ନିଷେଧ।
ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ ସୋରିଷ ତେଲକୁ ଖାଇବା ତେଲ ଭାବରେ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛି। ବିଭାଗର ସୂଚନାନୁସାରେ, ଏହି ତେଲରେ ଥିବା ଇରୁକିକ୍ ଏସିଡ୍ (ସୋରିଷ ତେଲରେ ଇରୁକିକ୍ ଏସିଡ)



ବହୁତ ଅଧିକ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଇରୁକିକ୍ ହେଉଛି ଏକ ଫ୍ୟାଟି ଏସିଡ୍ ଯାହା ଭଲ ମେଟାବୋଲିଜଡ୍ ହୋଇ ନ ଥାଏ। ମସ୍ତିଷ୍କ କୋଷ ପାଇଁ ଏହା ଭଲ ନୁହେଁ। ସ୍ମୃତି ଶକ୍ତି ହ୍ରାସ କରେ ଏବଂ ଶରୀରରେ ଚର୍ବି ଜମା ବୃଦ୍ଧି କରିଥାଏ।
ଆମେରିକା ବ୍ୟତୀତ ୟୁରୋପୀୟ ୟୁନିୟନ ଏବଂ କାନାଡାରେ ରାନ୍ଧିବା ପାଇଁ ଏହାର ବ୍ୟବହାର ଉପରେ ମଧ୍ୟ ନିଷେଧାଦେଶ ରହିଛି।
ଆମେରିକାରେ ବିକ୍ରି ହେଉଥିବା ସୋରିଷ ତେଲର ସମସ୍ତ ପାତ୍ରରେ କେବଳ ବାହ୍ୟ ବ୍ୟବହାର ଅଛି। ଏହାର ଅର୍ଥ ଏହା କେବଳ ଶରୀରରେ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ଖାଇହେବ ନାହିଁ। ବର୍ତ୍ତମାନ ଆପଣ ନିଶ୍ଚିତ ଭାବରେ ଭାବୁଥିବେ, ତେବେ କେଉଁ ତେଲରେ ଖାଦ୍ୟ ରନ୍ଧାଯାଏ ସୋୟାବିନ ତେଲରେ ଓମେଗା ଏବଂ ଓମେଗା ଫ୍ୟାଟି ଏସିଡ୍ ଥାଏ, ଯାହା କୋଲାଜେନକୁ ପ୍ରୋତ୍ସାହିତ କରିଥାଏ। ଏହା ଶରୀର ଏବଂ ଚର୍ମରେ ନମନୀୟତା ଆଣିଥାଏ। ମୁଖର କୁଞ୍ଚନ କମିଯାଏ। ଏହା ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ। ସୋୟା ତେଲରେ ଭିଟାମିନ ଇ ମଧ୍ୟ ପ୍ରଚୁର ପରିମାଣରେ ରହିଥାଏ ଯାହା ସୁସ୍ଥ ଚର୍ମ ଏବଂ କେଶ ପାଇଁ ଜରୁରୀ ଅଟେ।

# ମନଖୋଲି ଏସବୁ ସ୍ଥାନରେ ଖର୍ଚ୍ଚ କରନ୍ତୁ ଟଙ୍କା : ସୌଭାଗ୍ୟ ବଢ଼ିବ

ଆଚାର୍ଯ୍ୟ ଚାଣକ୍ୟଙ୍କ ନୀତିଶାସ୍ତ୍ର ଆଜି ବି ପ୍ରାସଙ୍ଗିକ। ଏଥିରେ ଜୀବନକୁ ସରଳ କରିବା ଲାଗି ଅନେକ ନୀତି ବିଷୟରେ ବର୍ଣ୍ଣନା କରାଯାଇଛି। ସେଥିରୁ ଗୋଟିଏ ହେଲା ଧନ ଖର୍ଚ୍ଚ କରିବା। ଚାଣକ୍ୟ କୁହନ୍ତି, କେଉଁଠି ଖର୍ଚ୍ଚ କରିବେ, ନ କରିବେ ତାହା ଜାଣି ରଖିବା ଉଚିତ। ନଚେତ ପଶ୍ଚାତାପ କରିବା ସାର ହେବ।

**ରୋଗୀଙ୍କୁ ସହାୟତା:** ଚାଣକ୍ୟ କୁହନ୍ତି ଗରିବ ରୋଗଗ୍ରସ୍ତ ଲୋକଙ୍କ ସହାୟତା କରିବା ଲାଗି ଯେତିକି ହୋଇପାରିବ କରନ୍ତୁ। ଏଭଳି କରିଲେ ଭଗବାନ ପ୍ରସନ୍ନ ହେବା ସହ ସମାଜରେ ମାନ ସମ୍ମାନ ବୃଦ୍ଧି ପାଇଥାଏ।

**ଦରିଦ୍ରଙ୍କୁ ସହାୟତା:** ସର୍ବଦା ଗରିବ ଏବଂ ଆବଶ୍ୟକତା ଲୋକଙ୍କ ସହାୟତା କରିବା ଉଚିତ। ଚାଣକ୍ୟ କୁହନ୍ତି, ଏପରି କଲେ ପୂଣ୍ୟ ମିଳେ। ଏଥିପାଇଁ ଆପଣ ଗରିବ ଶିଶୁଙ୍କ ଶିକ୍ଷାରେ ଧନ ଖର୍ଚ୍ଚ କରିପାରିବେ।



ଏପରି କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି।

**ସାମାଜିକ କାର୍ଯ୍ୟ:** ଚାଣକ୍ୟ କୁହନ୍ତି, ଯାହା ବି ରୋଜଗାର କର ତାର କିଛି ଅଂଶ ସାମାଜିକ କାର୍ଯ୍ୟରେ ଲଗାଇବା ଉଚିତ। ଏହାଛଡ଼ା ଡାକ୍ତରଖାନା ଏବଂ ସ୍କୁଲ ଆଦିକୁ ଦାନ କରିପାରିବେ। ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ପାଇଥାଏ। ଏଥିସହ ସମାଜରେ ପ୍ରତିଷ୍ଠା ବଢ଼ିଥାଏ।

**ଧର୍ମସ୍ଥଳ ପାଇଁ ଦାନ:** ଚାଣକ୍ୟ କୁହନ୍ତି ଧର୍ମ ସ୍ଥଳରେ ଦାନ କରିବା ଦ୍ୱାରା ଜୀବନରେ ସକରାତ୍ମକତା ବୃଦ୍ଧି ପାଇଥାଏ। ଫଳରେ ନିଜ ସହ ପରିବାରରେ ସୁଖ ସମୃଦ୍ଧି ମଧ୍ୟ ବୃଦ୍ଧି ପାଇଥାଏ।

# ସ୍ୱାସ୍ଥ୍ୟବର୍ଦ୍ଧକ କନ୍ଦମୂଳ ଉପକାରୀ

କନ୍ଦମୂଳ ଖାଇବାକୁ ଯେମିତି ସୁସ୍ୱାଦୁ ଲାଗେ ସେମିତି ଶରୀର ପାଇଁ ବେଶ୍ ଉପକାରୀ ମଧ୍ୟ ହୋଇଥାଏ। କାରଣ ଏଥିରେ ଭରି ରହିଥାଏ ଭିଟାମିନ୍ ଏ, ବିଟା କ୍ୟାରୋଟିନ୍, ମିନେରାଲ୍ସ ଓ ଆଣ୍ଟି ଅକ୍ସିଡାଣ୍ଟ ଇତ୍ୟାଦି। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଆଖି ଭଲ ରହିଥାଏ। ଦୃଷ୍ଟିଶକ୍ତି ବି ବୃଦ୍ଧି ପାଇଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହୁଥିବାରୁ କୋଲେଷ୍ଟ୍ରଲକୁ କମ୍ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ବ୍ଲଡ୍ ପ୍ରେସରକୁ ନିୟନ୍ତ୍ରଣରେ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। ଶରୀରରେ ଆଇରନ୍‌ର ମାତ୍ରା କମ୍ ରହୁଥିଲେ କନ୍ଦମୂଳର ସେବନ ଲାଭଦାୟକ ହୋଇଥାଏ। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଶରୀରକ୍ ଶକ୍ତି ମଧ୍ୟ ମିଳିଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି କନ୍ଦମୂଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାର ସେବନ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏହି ପତ୍ରର ରସ ପିଇଲେ ସଫା ହୁଏ ଗଳା

ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ। ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛେଚି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ। ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।

# ମୁହଁରେ ଦେଶୀ ଘିଅ ଲଗାଇଲେ ଯୁବା ଦିଶିବ ତ୍ୱଚା



ଶରୀରର ରଂଗ ଯେପରି ବି ହେଉ, କିଛି ଫରକ ପଡ଼େନା। ମାତ୍ର ଚେହେରାରେ ସାମାନ୍ୟ ଦାଗ ବିଷାଦର କାରଣ ବନିଯାଏ। ମୁଖମଣ୍ଡଳରେ ଯଦି ଦାଗ କିମ୍ବା ଆଖି ତଳ କଳା ପଡ଼ିବା ପରି ସମସ୍ୟା ଉପୁଜେ ତ ମନ ବିଷାଦଗ୍ରସ୍ତ ହୋଇଯାଏ। ଏହି ଦାଗ ଓ ଆଖି ତଳ କଳା ପାଇଁ ଲୋକମାନେ ସେମାନଙ୍କ ବୟସଠାରୁ ବୟସ୍କ ଦେଖାଯିବା ଆରମ୍ଭ କରନ୍ତି । ପ୍ରଦୂଷଣ, ମାନସିକ ଚାପ, ଖାଇବା ଅଭ୍ୟାସ, ଶୋଇବା ଶୈଳୀ ଏବଂ ପାଣିପାଗ ଆମ ଚର୍ମ ଉପରେ ଢେର ପ୍ରଭାବ ପକାଇଥାଏ। ତେଣୁ ଆଖି ତଳ କଳା ପଡ଼ିବା ଚର୍ମର ଏକ ସାଧାରଣ ସମସ୍ୟା। ଯଦିଓ ଏଥିପାଇଁ ଘରୋଇ ଉପଚାର ଅଛି, କିନ୍ତୁ ସଠିକ୍ ପଦ୍ଧତି ଜାଣି ନ ଥିବାରୁ ଆମେ ତାହାର ଲାଭ ଉଠାଇ ପାରନ୍ତି ନାହିଁ।
ଚର୍ମକୁ କିପରି ଶକ୍ତ କରିବେ ଚର୍ମକୁ ଲୋଚାକୋଚା ହେବାରୁ ବଞ୍ଚାଇବାକୁ ଘରୋଇ ଉପଚାରର ଆବଶ୍ୟକତା ରହିଛି। ତେଣୁ ଆଜି ଆମେ ଆପଣଙ୍କୁ ଏପରି ଏକ ଘରୋଇ ଉପଚାର ବିଷୟରେ କହିବାକୁ ଯାଉଛୁ ଯାହା ଚେହେରାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ। ଆମେ କହୁଛି ଖାଣ୍ଟି ଗୁଆ ଘିଅ ବିଷୟରେ। ଏହାକୁ ଚେହେରାରେ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ। ଖାଲି ସେତିକି ନୁହେଁ, ଏହାକୁ ଆଖି ଚାରିପାଖରେ ଗୋଲ ଗୋଲ କରି ବୁଲେଇ ଲଗାଇବା ଦ୍ୱାରା ଆଖି ଚାରିପାଖ କଳା ପଡ଼ିବା ବି କମ୍ ହୋଇଥାଏ। ଏହାକୁ ଗାଧୋଇବା ବେଳେ ନାଭିରେ ଲଗାଇ ଗାଧୋଇଲେ ମୁଖମଣ୍ଡଳର ଉଜ୍ଜ୍ୱଲ୍ୟ ବଢ଼େ।

# ପୃଥିବୀ ବାହାରେ ଡାଇନୋସର

ବିଭିନ୍ନ ଜାତିର ଜୀବମାନଙ୍କ ଭିତରୁ ସରୀସୃପ ଅନ୍ୟତମ। ସାପ, ଝିଟିପିଟି, ଏଣ୍ଡୁଅ, କଇଁଛ, ଗୋଧି ଓ କୁମ୍ଭୀର ଭଳି କାତି ରହିଥିବା ଟାଣ ଓ ଶୁଖିଲା ଦେହର ଜୀବମାନେ ଏଇ ଜାତିର। ପୃଥିବୀକୁ ମଣିଷ ଆସିବାର ବହୁ ବର୍ଷ ପୂର୍ବରୁ ସରୀସୃପମାନେ ଏଠାରେ ରହୁଥିଲେ। ଡାଇନୋସର ହେଉଛି ପୃଥିବୀରେ ବାସକରିଥିବା ସବୁଠାରୁ ବଡ଼ ସରୀସୃପ। ମଣିଷମାନେ ମାତ୍ର ୬୦ ଲକ୍ଷ ବର୍ଷ ତଳେ ପୃଥିବୀରେ ପ୍ରଥମେ ଦେଖାଦେଇଥିଲେ। କିନ୍ତୁ ପ୍ରାୟ ୨,୨୫୦ ଲକ୍ଷ ପୂର୍ବେ ଡାଇନୋସର ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ। ପ୍ରାୟ ୨,୨୫୦ ଲକ୍ଷରୁ ୬୫୦ ଲକ୍ଷ ବର୍ଷ ପୂର୍ବରୁ ବିଶାଳକାୟ ଡାଇନୋସର ଆମ ପୃଥିବୀରେ ବାସ କରୁଥିଲେ। ଏହାର ଅର୍ଥ ମଣିଷ ଯେତେଦିନହେଲା ପୃଥିବୀପୃଷ୍ଠରେ ରହିଆସୁଛି, ତା'ଠାରୁ ବେଶିଦିନ ଡାଇନୋସରମାନେ ଏଠାରେ ବାସକରିଥିଲେ। କିନ୍ତୁ ଏତେଦିନଧରି ବାସକରିଆସୁଥିବା ବିଶାଳକାୟ ଜୀବମାନେ ହଠାତ୍ କେମିତି ଲୋପ ପାଇଗଲେ, ତା'ର ଠିକ୍ ଉତ୍ତର ଏଯାଏ ମିଳିନି। ତେବେ ଖାଇବାକୁ ନ ପାଇ ସେମାନେ ପୃଥିବୀପୃଷ୍ଠରୁ ଲୋପ ପାଇଗଲେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି।
ମଙ୍ଗଳ ଓ ବୃହସ୍ପତି ଗ୍ରହର କକ୍ଷପଥ ମଝିରେ ଅସଂଖ୍ୟ ଗ୍ରହାଣୁ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। କେତେକ ଗ୍ରହାଣୁର ଆକାର ସାଧାରଣ ଶିଳାଖଣ୍ଡ ପରି। ଆଉ କେତେକ ଖୁବ୍ ବଡ଼। ଅନେକ ଗ୍ରହାଣୁ ପୃଥିବୀର ଆକର୍ଷଣ ହେତୁ ଆମ ବାୟୁମଣ୍ଡଳକୁ ପଶିଆସନ୍ତି। ସେଗୁଡ଼ିକ ଖୁବ୍ ଅଧିକ ବେଗରେ ଖସିବା ସମୟରେ ବାୟୁକଣିକା ସହିତ ଘଷିହୋଇ ଜଳିଉଠନ୍ତି। ସେଗୁଡ଼ିକୁ ଆମେ ଉଲ୍‌କା ବୋଲି କହୁ। ଛୋଟ ଉଲ୍‌କାଗୁଡ଼ିକ ପୃଥିବୀରେ ପହଞ୍ଚିବା ଆଗରୁ ବାୟୁମଣ୍ଡଳୀୟ ଘର୍ଷଣଜନିତ ଉତ୍ତାପରେ ଜଳି ପାଉଁଶ ହୋଇଯାଆନ୍ତି। ମାତ୍ର ଗ୍ରହାଣୁର ଆକାର ବଡ଼ଥିଲେ ଉଲ୍‌କାଗୁଡ଼ିକ ପୂରାପୂରି ଜଳି ନ ପାରି ଶେଷରେ ବଡ଼ ବଡ଼ ପଥର ରୂପରେ ଆସି ପୃଥିବୀପୃଷ୍ଠରେ ପଡ଼ନ୍ତି। ବୈଜ୍ଞାନିକଙ୍କ ମତରେ, ଏକ ବିରାଟ ଉଲ୍‌କାପିଣ୍ଡ ଗ୍ରହାଣୁପୁଞ୍ଜରୁ ଆସି ପୃଥିବୀ ଉପରେ ପଡ଼ିଥିଲା। ଏହା ପୃଥିବୀପୃଷ୍ଠରେ କିଲୋମିଟର ବ୍ୟାପୀ ବିରାଟ ଗାତ ସୃଷ୍ଟି କଲା। ବର୍ଷ ବର୍ଷ ଧରି ଆକାଶରେ ଧୂଳିର ବାଦଲ ଛାଇଗଲା। ସୂର୍ଯ୍ୟକିରଣ ବିନା ପୃଥିବୀପୃଷ୍ଠ ଖୁବ୍ ଶୀତଳ ଓ ଅନ୍ଧକାରମୟ ହୋଇଗଲା। ସୂର୍ଯ୍ୟକିରଣ ଅଭାବରୁ ଗଛଲତା ସବୁ ମରିଗଲେ। ଧୀରେ ଧୀରେ ଗଛଲତା ଉପରେ ନିର୍ଭର କରୁଥିବା ତୃଣଭୋଜୀ ଡାଇନୋସର ଓ ଅନ୍ୟ କେତେକ ଜୀବ ମରିଗଲେ। ତୃଣଭୋଜୀମାନଙ୍କୁ ଖାଇ ବଞ୍ଚୁଥିବା ମାଂସାସୀ ଜୀବ ଆଉ ଖାଇବାକୁ ପାଇଲେନାହିଁ। ଖାଦ୍ୟ ନ ପାଇ ୧୦୦ ଭାଗରୁ ପ୍ରାୟ ୬୫ ଭାଗ ପ୍ରାଣୀ ତଥା ମାଂସାସୀ ଡାଇନୋସର ଲୋପ ପାଇଗଲେ।
୧୯୯୦ ଦଶକରେ ଏହାର ପ୍ରମାଣ ମିଳିଲା। ବୈଜ୍ଞାନିକମାନେ ପୃଥିବୀପୃଷ୍ଠରେ କେତେକ ବିରାଟ ଗର୍ତ୍ତର ସନ୍ଧାନ ପାଇଲେ। ଆମେରିକାର ଇଉକୁଟାନ୍ ଉପଦ୍ୱୀପ (ମେକ୍ସିକୋ) ଅଞ୍ଚଳରେ ଗୋଟିଏ ବିରାଟ ଗର୍ତ୍ତର ସନ୍ଧାନ ପାଇଲେ, ଯାହାର ଚଉଡ଼ା (ବ୍ୟାସ) ୧୬୦ କି.ମି.। ଏହା ପ୍ରାୟ ୬୫୦ ଲକ୍ଷ ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲା। ଆଉ ଗୋଟିଏ ଗର୍ତ୍ତ ମିଳିଲା ଆମେରିକାର ଆଇଓ୍ୱା ଦେଶର ମାନସୋନ୍ ଅଞ୍ଚଳରେ। ଏହି ଗର୍ତ୍ତର ଲମ୍ବ ୪୦ କି.ମି. ଓ ଓସାର ୨୯ କି.ମି.। ଏହା ପ୍ରାୟ ୬୫୦ ଲକ୍ଷ ବର୍ଷର ପୁରୁଣା ଗର୍ତ୍ତ। ଦକ୍ଷିଣ ସାଇବେରିଆରେ ମଧ୍ୟ ବିରାଟ ଗର୍ତ୍ତର ସନ୍ଧାନ ମିଳିଛି। ଏହାର ଓସାର (ବ୍ୟାସ) ୯୫ କି.ମି.। ଏହି ଗର୍ତ୍ତଟି ମଧ୍ୟ ୬୬୦ ଲକ୍ଷ ବର୍ଷ ତଳେ ସୃଷ୍ଟି ହେଇଥିଲା। ଡାଇନୋସର ବିଲୋପ ହେବାର ସମୟ ସହିତ ଏହି ସମୟ ମେଳଖାଉଛି।

# ହେଲ୍‌ଥ ଟିପ୍ସ: କୌଣସି ହାଡ଼ ପାଇଁ ପ୍ରଭାବଶାଳୀ ହୋଇଥାଏ ବେସାଲ ଇମ୍‌ପ୍ଲାଣ୍ଟ

ହନୁ ହାଡ଼ରେ ଦାନ୍ତର ଇମ୍‌ପ୍ଲାଣ୍ଟକୁ ଧାରଣ କରିବା ପାଇଁ ସ୍ୱତନ୍ତ୍ରଭାବେ ବେସାଲ ଇମ୍‌ପ୍ଲାଣ୍ଟ୍ ପ୍ରସ୍ତୁତ କରାଯାଇଛି। ଏହି ବେସାଲ ହାଡ଼ ଅତ୍ୟାଧୁନିକ ଓ ଗୁଣାବତା ଇମ୍‌ପ୍ଲାଣ୍ଟକୁ ଧରି ରଖିବା ପାଇଁ ଉଚ୍ଚମାନର କୋର୍ଟିକାଲ ବୋନ୍ ପ୍ରଦାନ କରିଥାଏ। ଯାହାକି ଲାଟେରାଲ ଇମପ୍ଲାଣ୍ଟ-ଡିସ୍ ଇମପ୍ଲାଣ୍ଟ ବା କୋର୍ଟିକାଲ ଇମପ୍ଲାଣ୍ଟ ଭାବେ ପରିଚିତ। ଉପର ଓ ତଳ ହନୁ ହାଡ଼ରେ ଏକକ କିମ୍ବା ଏକାଧିକ ୟୁନିଟ୍‌ର ପୁନରୁଦ୍ଧାର ପାଇଁ ବ୍ୟବହୃତ ହୋଇଥାଏ। ଏକ୍ସଟ୍ରାକ୍ସନ୍ ସକେଟ କିମ୍ବା ହିଲ୍‌ଡ ବୋନ୍‌ରେ ଏହାକୁ ଲଗାଯାଇଥାଏ। ବେସାଲ ପ୍ରତିରୋପଣ ସବୁଠାରୁ ଅଭିନବ ପଦ୍ଧତି, ଯାହାକି ଯେ କୌଣସି ହାଡ଼ ପାଇଁ ପ୍ରଭାବଶାଳୀ ହୋଇଥାଏ। କୌଣସି ପ୍ରକାର ବୋନ୍ ଡେନସିଟି ବା ବୋନ୍ ମାସ ରୋଗୀଙ୍କ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରେ।

ବେସାଲ ଇମପ୍ଲାଣ୍ଟର ଇତିହାସ
୧୯୭୨ ମସିହାରେ ଡା.ଜନ-ମାର୍କ ଜୁଲିଏଟ୍‌ଙ୍କ ଦ୍ୱାରା ପ୍ରଥମ ଏକକ ଇମପ୍ଲାଣ୍ଟ ପ୍ରତିରୋପଣ କରାଯାଇଥିଲା। ୧୯୮୦ର ମଧ୍ୟଭାଗରେ ପରାସୀ ଦାନ୍ତ ଡାକ୍ତର ଡା. ଗେରାର୍ଡ ସ୍କୋରସେଟି ଏକ ଉନ୍ନତ ବେସାଇ ପ୍ରତିରୋପଣ ପ୍ରଣାଳୀ ଉଦ୍ଭାବନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଅତ୍ୟାଧୁନିକ ବେସାଲ ଇମପ୍ଲାଣ୍ଟ ଓ କୋର୍ଟିକୋ-ବେସାଲ ଇମପ୍ଲାଣ୍ଟକୁ ବିକଶିତ କରିବାରେ ସହାୟତ ହୋଇପାରିଥିଲା। ଏବେର ବେସାଲ ଇମପ୍ଲାଣ୍ଟ ୧୯୯୦ର ଶେଷ ଆଡ଼କୁ ସ୍ୱିଜରଲାଣ୍ଡର ପ୍ରଫେସର ଏସ୍. ଇହଡେଙ୍କ ଦ୍ୱାରା ଉଦ୍ଭାବନ ହୋଇଥିଲା। ବେସାଇ ଇମପ୍ଲାଣ୍ଟ ଦୀର୍ଘ ବର୍ଷ ହେବ ବ୍ୟବହୃତ ହୋଇଆସିଛି। ବେସାଲ ବୋନ୍‌ରେ କମ୍ ସଂକ୍ରମଣ ଆଶଙ୍କା ରହିଥାଏ। ଏହା ଘନ, କର୍ଟିକାଲ ଓ ଇମପ୍ଲାଣ୍ଟ ପାଇଁ ଉତ୍କୃଷ୍ଟ ରହିଥାଏ। ପାରମ୍ପରିକ ଇମପ୍ଲାଣ୍ଟଗୁଡ଼ିକ କ୍ରେଷ୍ଟାଲ ଆଲଭୋଲାର ହାଡ଼ରେ ରଖାଯାଇଥାଏ। ବେସାଇ ଇମପ୍ଲାଣ୍ଟର ମୁଖ୍ୟତଃ ୨ଟି ପରିବାର ଅଛି। ପ୍ରଥମ ଜେନେରେସନ୍‌ର ଇମପ୍ଲାଣ୍ଟ ଡିସ୍କ ଓ ବର୍ତ୍ତମାନ ସମୟର ଇମପ୍ଲାଣ୍ଟ ବିସିଏସ୍। ଇମପ୍ଲାଣ୍ଟ ବିସିଏସ୍ ୭ଦିନ ଭିତରେ ୨-୩ଟି ପର୍ଯ୍ୟାୟରେ କରାଯାଇଥାଏ। ସପ୍ତାହ ଭିତରେ ରୋଗୀକୁ ୩ଥର ଡେଣ୍ଟାଲ କ୍ଲିନିକ୍‌କୁ ଆସିବାକୁ ପଡ଼ିଥାଏ। ବେସାଲ ଡେଣ୍ଟାଲ ଇମପ୍ଲାଣ୍ଟରେ ନିର୍ଦ୍ଦିଷ୍ଟଭାବେ ପ୍ରୋସଥେସିସ୍ ସ୍ଥାପିତ ହୋଇଥାଏ।

**ବେସାଲ ଇମପ୍ଲାଣ୍ଟର ଫାଇଦା**
ଇମପ୍ଲାଣ୍ଟ ଅସ୍ତ୍ରୋପଚାରର ୭୨ଘଣ୍ଟା ଭିତରେ ପ୍ରୋସ୍ଥେସିସ୍‌କୁ ସ୍ଥାନିତ କରାଯାଇଥାଏ। ମଧୁମେହ ଓ ଧୂମ୍ରପାନ କରୁଥିବା ରୋଗୀମାନଙ୍କ ପାଇଁ ବେସାଇ ଇମପ୍ଲାଣ୍ଟ ଫଳପ୍ରଦ। ଏପରିକି ଅତ୍ୟଧିକ ମଧୁମେହ ଓ ଗ୍ଲାଇକୋଲେଟେ୍ ହିମୋଗ୍ଲୋବିନ୍ ସ୍ତର ଥିଲେ ମଧ୍ୟ ଏହାକୁ ପ୍ରତିରୋପଣ କରାଯାଇପାରିବ। ଏହି ପ୍ରତିରୋପଣରେ ପତଳା ଓ ପଲିସ୍ ହୋଇଥିବା ମ୍ୟୁକୋଲୋଜ ଅନୁପ୍ରବେଶ ପଥ ରହିଛି। ଯାହାକି ପେରି-ଇମପ୍ଲାଣ୍ଟାର ସମ୍ଭାବନାକୁ ହ୍ରାସ କରିଥାଏ। ଜଟିଳ ଦାନ୍ତରୋଗ ସମସ୍ୟାକୁ ଦୂର କରିବା ପାଇଁ ଅତ୍ୟାଧୁନିକ ପ୍ରଣାଳୀ ମାଧ୍ୟମରେ ବିଶେଷଜ୍ଞ ଡ଼ା ସୁନୀଲ କର ଚିକିତ୍ସା କରୁଛନ୍ତି ।



ଶୀତଦିନେ ଫିଟ୍ ରହିବା ପାଇଁ ଟିକେ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ। ତା'ସହିତ କିଛିଟା ଜରୁରୀ ଡାକ୍ତରୀ ଟିପ୍ସକୁ ବି ମାନିବାକୁ ହୁଏ। ଯେମିତି କି ଶୀତଦିନେ ଶୋଷ ବେଶି ଲାଗୁ ନ ଥିବାରୁ ଅନେକେ ଏହିଦିନେ କମ୍ ପାଣି ପିଇଥାନ୍ତି; ଯଦ୍ୱାରା ସେମାନଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଇଥାଏ। ଝାଡ଼ା ପରିଷ୍କାର ହୁଏନାହିଁ ଇତ୍ୟାଦି। ତେଣୁ ଏହିଦିନେ ସକାଳୁ ଖାଲିପେଟରେ ହାଲ୍‌କା ନଖ ଉଷୁମ ପାଣି ପିଇବା ଭଲ। ଏହା ଡାଇଜେଷ୍ଟିଭ୍ ସିଷ୍ଟମକୁ ସକ୍ରିୟ କରିବା ସହ ବିଭିନ୍ନ ପ୍ରକାରର ସ୍କିନ୍ ପ୍ରୋବ୍ଲେମ୍‌କୁ ମଧ୍ୟ ଠିକ୍ କରିଥାଏ। ସେହିପରି ଶୀତଦିନେ ସପ୍ତାହକୁ ଥରେ ଷ୍ଟିମ୍ ନେବା ବି ଜରୁରୀ। ଏହା ଥଣ୍ଡା, କାଶ ସମସ୍ୟାରୁ ଅନେକାଂଶରେ ଉପଶମ ଦେଇଥାଏ। ଅନ୍ୟପକ୍ଷେ ଶୀତଦିନେ ପ୍ରତିଦିନ ନଡ଼ିଆ ତେଲର ମସାଜ ନେବା ବି ଶରୀର ପକ୍ଷେ ଉତ୍ତମ ହୋଇଥାଏ। ଏହାଛଡ଼ା ଶୀତଦିନେ ବିଟ୍ ରୁଟ୍‌କୁ ସାଲାଡ୍‌ରେ ବ୍ୟବହାର କରି ଖାଇବା କିମ୍ବା ଏହାର ଜୁସ୍ ପିଇବା ବି ଶରୀରକୁ ଅନେକ ଉପକାର ଦେଇଥାଏ। ସେହିପରି ଚିନି ପରିବର୍ତ୍ତେ ଶୀତଦିନେ ଗୁଡ଼ ଖାଇବା ବି ସୁସ୍ୱାସ୍ଥ୍ୟ ପ୍ରଦାନ କରିଥାଏ। ଗୁଡ଼ର ଆଉ ଏକ ଫାଇଦା ହେଉଛି ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

# ତେନ୍ତୁଳିରୁ ତିଆରି ସସ୍ ଏବଂ କ୍ୟାଣ୍ଡି

ତେନ୍ତୁଳିରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ବଜାରରେ ବିକ୍ରି କରି ଚାଷୀ ଲାଭବାନ ହୋଇପାରିବେ । ଘରୋଇ ଏବଂ କ୍ଷୁଦ୍ର ଉଦ୍ୟୋଗ ଦ୍ୱାରା ତେନ୍ତୁଳିକୁ ପ୍ରକ୍ରିୟାକରଣ କରିବାର ଅନେକ ସୁଯୋଗ ରହିଛି।
ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ତେନ୍ତୁଳିରୁ ମଣ୍ଡ, ଶସ୍, କ୍ୟାଣ୍ଡି ଏବଂ ମୃଦୁପାନୀୟ ଆଦି ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ବଜାରରେ ବିକ୍ରି କରାଯାଇପାରିବ ।

**ତେନ୍ତୁଳି ମଣ୍ଡ**
ତେନ୍ତୁଳି ମଣ୍ଡ ପ୍ରସ୍ତୁତି ପାଇଁ ଏଥିରେ ପାଣି ମିଶାଇ ଅଳ୍ପଜାଳରେ ଏକ ଘଣ୍ଟା ପର୍ଯ୍ୟନ୍ତ ଗରମ କରାଯାଏ । ପରେ ଏହାକୁ ଏକ ମଣ୍ଡ ବାହାର କରିବା ଯନ୍ତ୍ରରେ ପକାଇ ମଞ୍ଜି ଓ ତନ୍ତୁ ଅଲଗା କରାଯାଏ । ଏହି ମଣ୍ଡକୁ ୩୨ ଡିଗ୍ରୀ ବ୍ରିକ୍ସ ପର୍ଯ୍ୟନ୍ତ ଫୁଟାଇ ସେଥିରେ ଏକ କିଲୋଗ୍ରାମକୁ ୭୦୦ ମିଲିଗ୍ରାମ ସୋଡିୟମ୍ ବେନଜୋଏଟ୍ ମିଶାଯାଏ । ଉକ୍ତ ମଣ୍ଡକୁ ଗରମ ଅବସ୍ଥାରେ ଲାମିନେଟେଡ୍ ପଲିଥିନ୍ ପ୍ୟାକରେ ଭର୍ତ୍ତି କରି ସିଲ୍ କରାଯାଇଥାଏ । ବହଳ ମଣ୍ଡ ପାଇଁ ଏହାକୁ ୬୫ ଡିଗ୍ରୀ ବ୍ରିକ୍ସ ପର୍ଯ୍ୟନ୍ତ ଗରମ କରି ବାଷ୍ପିଭୂତ କରାଯାଇଥାଏ ।

ତେନ୍ତୁଳି ଶସ୍
ଏକ କିଲୋଗ୍ରାମ ମଣ୍ଡ ସହିତ ୨୦୦ ଗ୍ରାମ ହିସାବରେ ଚିନି ମିଶାଇ ଦ୍ରବୀଭୂତ ହେବା ପର୍ଯ୍ୟନ୍ତ କମ ଜାଳରେ ଫୁଟାଯାଏ। ଏଥିରେ କିଲୋଗ୍ରାମ ପ୍ରତି ୧୫ ଗ୍ରାମ ଲୁଣ ଏବଂ ଦରକାର ଅନୁଯାୟୀ ଜିରା, ଗୋଲମରିଚ, ଅଦା ଗୁଣ୍ଡ, ଲଙ୍କାଗୁଣ୍ଡ ଆଦି ମସଲା ମିଶାଇ ଗରମ କରାଯାଏ । ୨୫ଡିଗ୍ରୀ ବ୍ରିକ୍ସ ହେବା ପର୍ଯ୍ୟନ୍ତ ଗରମ କରାଯାଇଥାଏ । ଏଥିରେ କେଜି ପ୍ରତି ୫୦୦ ମିଲି.ଗ୍ରା ସୋଡିୟମ ବେନଜୋଏଟ୍ ଓ ୫୦୦ ମିଲି.ଗ୍ରା ପୋଟାସିୟମ ସଲଫେଟ୍ ମିଶାଇ ଗରମ ଅବସ୍ଥାରେ କାଚ ବୋତଲରେ ଭର୍ତ୍ତି କରି ଠିପି ଦେଇ ବନ୍ଦ କରାଯାଏ। ତେନ୍ତୁଳି କ୍ୟାଣ୍ଡି ଏକ କି.ଗ୍ରା ତେନ୍ତୁଳି ମଣ୍ଡରେ ୭୫୦ ଗ୍ରାମ ଗୁଡ଼ ଏବଂ ୭୫୦ ଗ୍ରାମ ଚିନି ମିଶାଇ ରନ୍ଧାଯାଏ । ଏଥିରେ କେଜି ପ୍ରତି ୭୫ ଗ୍ରାମ କଳାଲୁଣ, ୫୦ ଗ୍ରାମ ଲଙ୍କା ଗୁଣ୍ଡ, ୨୫ ଗ୍ରାମ ଜିରା ଗୁଣ୍ଡ ଓ ୫ ଗ୍ରାମ ହେଙ୍ଗୁ ମିଶାଇ ଗାଢ ପାଗ ହେବା ପର୍ଯ୍ୟନ୍ତ ଗରମ କରାଯାଏ । ହାତରେ ବଳି କିମ୍ବା କ୍ୟାଣ୍ଡି ଛାଞ୍ଚରେ ପକାଇ ଥଣ୍ଡା କରାଯାଏ ।
ତେନ୍ତୁଳି ମୃଦୁପାନୀୟ ଆଠ ଲିଟର ପାଣିରେ ୧.୫ କିଗ୍ରା ଚିନି ମିଶାଇ ଫୁଟାଯାଏ । ଚିନିସିରା ଛାଣି ସେଥିରେ ୫୦୦ ଗ୍ରାମ ତେନ୍ତୁଳି ମଣ୍ଡ ମିଶାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଗରମ କରାଯାଏ। ଏଥିରେ ୨୫ ଗ୍ରାମ ଲୁଣ ଓ ୫୦ ଗ୍ରାମ ଚାଟ ମସଲା ମିଶାଇ ଫୁଟାଯାଏ। ଶେଷରେ ୫୦୦ ମି.ଗ୍ରା ସୋଡିୟମ୍ ବେନଜୋଏଟ୍ ମିଶାଇ ଚୁଲିରୁ ଓହ୍ଲାଇ ଦିଆଯାଏ। ପାନୀୟ ପ୍ରସ୍ତୁତ ପରେ ପରିଷ୍କାର ବୋତଲରେ ଗରମ ଅବସ୍ଥାରେ ଭର୍ତ୍ତିକରି ଆଲୁମିନିୟମ ଫଏଲ୍ କିମ୍ବା ଠିପି ଦ୍ୱାରା ସିଲ୍ କରାଯାଏ । ଏହାକୁ ପୁଣିଥରେ ଗରମ ପାଣିରେ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଜୀବାଣୁ ମୁକ୍ତ କରାଯାଏ ।

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୦୩ ଜାନୁଆରୀ, ବୁଧବାର,୨୦୨୪


# ମହିଳା ଦିନିକିଆ : ଶେଷ ମ୍ୟାଚ୍‌କୁ ୧୯୦ରନ୍‌ରେ ଜିତି କ୍ଲିନ୍ ସୁଇପ୍ କଲା ଅଷ୍ଟ୍ରେଲିଆ

**ମୁମ୍ବାଇ**



ଭାରତ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌କୁ ୧୯୦ରନ୍‌ରେ ଜିତି ନେବା ସହ ୩-୦ରେ କ୍ଲିନସୁଇପ୍ କରିଛି ଅଷ୍ଟ୍ରେଲିଆ ମହିଳା ଦଳ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟରେ ୩୩୮ ରନ୍ କରିଥିବା ବେଳେ ଭାରତ ୩୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ୍ କରିଥିଲା। ପ୍ରଥମ ୨ ଦିନିକିଆ ଜିତିବା ସହିତ ଅଷ୍ଟ୍ରେଲିଆ ଆଗୁଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଜିତି ନେଇଥିଲା।

ଅଷ୍ଟ୍ରେଲିଆ ମହିଳା ଦଳ ମଙ୍ଗଳବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନର ଫିବ୍ ଲିଚଫିଲ୍ଡ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିଲେ। ୨୦ ବର୍ଷୀୟା ଲିଚ୍‌ଫିଲ୍ଡ ୧୨୫ ବଲ୍ ଖେଳି ୧୧୯ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୧୬ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟତମ ଓପନର ତଥା ଅଧିନାୟିକା ଆଲିସା ହିଲି ୮୨ ରନ୍‌ର ଇନିଂସ ଖେଳିଥିଲେ। ଉଭୟ ଓପନର ପ୍ରଥମ ଉଇକେଟର ୧୮୯ ରନର ପାର୍ଟନରସିପ୍ ସହ ବଡ଼ ସ୍କୋରର ମୂଳଦୂଆ ପକାଇଥିଲେ। ଭାରତ ପକ୍ଷରୁ ସ୍ପିନର ଶ୍ରେୟାଙ୍କା ପାଟିଲ ସଫଳ ବୋଲର ଭାବେ ୫୭ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମନଜୋତ କୌର ୨, ଦୀପ୍ତି ଶର୍ମା ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

୩୩୯ ରନ୍ ଜବାବରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୪୮ ରନ୍‌ରେ ଅଲଆଉଟ ହୋଇଥିଲା। ୬ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିବା ବେଳେ ସ୍ମୃତି ମନ୍ଧାନା ସର୍ବାଧିକ ୨୯ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨୫, ଜେମିମା ରୋଡ୍ରିଗୁଏଜ ୨୫ ଓ ରିଚ୍ଚା ଘୋଷ ୧୯ ରନ୍ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜର୍ଜିଆ ୱେୟାରହାମ୍ ୩, ମେଗାନ୍ ଶୁଟ୍, ଆଲାନା କିଙ୍ଗ ଓ ଆନାବେଲ ସଦରଲାଣ୍ଡ ୨ଟି ଲେଖାଏଁ ଉଇକେଟ ନେଇଥିଲେ ଫିବ୍ ଲିଚ୍‌ଫିଲ୍ଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ସିରିଜ୍ ଘୋଷଣା କରାଯାଇଥିଲା।

# ଆଜିଠୁ ଦ୍ୱିତୀୟ ଟେଷ୍ଟ : ଭାରତୀୟ ଦ୍ରୁତ ବୋଲିଂ ଚିନ୍ତାଜନକ

**ନୂଆଦିଲ୍ଲୀ**



ସେଞ୍ଚୁରିଅନ୍ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ ବୋଲରମାନେ ବ୍ୟୟବହୁଳ ହୋଇଥିଲେ। ଦ୍ରୁତ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ଭାରତୀୟ ବୋଲର ୬୬ ଓଭରରେ ୨୫୬ ରନ୍ ବ୍ୟୟ କରିଥିଲେ, ଯାହା ମଧ୍ୟରେ ୩୭ ଚୌକା ଓ ୨ ଛକା ସାମିଲ ଥିଲା। ବୋଲରଙ୍କ ପାଇଁ ଉପଯୁକ୍ତ ପାଗ ଥିଲେ ମଧ୍ୟ ସଫଳତା ମିଳୁନଥିଲା। ଆକାଶ ମେଘୁଆ ଥିଲା ବେଳେ ପିଚ୍‌ରେ ସବୁଜ ଘାସ ସିମ୍ ମୁଭ୍‌ମେଣ୍ଟକୁ ଚାହିଁ ରହିଥିଲା। ହେଲେ ଏକ ଅନଭିଜ୍ଞ ବ୍ୟାଟିଂ ଗ୍ରୁପ୍ ଭାରତୀୟ ବୋଲିଂକୁ ଅକାମି କରିଦେଇଥିଲା। କେବଳ ପଦାର୍ପଣକାରୀ ପ୍ରସିଦ୍ଧ କୃଷ୍ଣ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ୨୭ ଓଭରରୁ ୧୯ ବାଉଣ୍ଡରି (୧୭ ଚୌକା, ୨ଛକା) ଆସିଥିଲା ଯାହାକି ଭାରତୀୟ ବୋଲିଂ ପାଇଁ ଆଦୌ ଭଲ ଯାଇନଥିଲା। ଘରୋଇ ଦଳର ପ୍ରାରମ୍ଭିକ ବ୍ୟାଟର ଡିନ୍ ଏଲଗାର ସବୁଠୁ ଅଧିକ ରନ୍ ନିଜ ନାମରେ କରାଇଥିଲେ। କେବଳ ଏତିକି ନୁହେଁ, ଏଲଗାରଙ୍କ ଗତ ୮୪ ଟେଷ୍ଟରେ ୪୭.୩୮ ଷ୍ଟ୍ରାଇକ୍‌ରେଟ୍ ଥିଲା ବେଳେ ଏହି ସଂଖ୍ୟା ୬୬.୩୫ରେ ପହଞ୍ଚିଥିଲା।

ସାଧାରଣତଃ ଏଲଗାର ଏଭଳି ବ୍ୟାଟିଂ କେବେ କରିନଥାନ୍ତି। କିନ୍ତୁ ଏଠାରେ ସେ ବୋଲରଙ୍କୁ ଆଦୌ ଦୟା ଦେଖାଇ ନଥିଲେ, ଯେତେବେଳେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ବୋଲିଂ ଆସୁଥିଲେ, ତାଙ୍କୁ ଏଲଗାର ସମ୍ମାନ ଦେଉଥିଲେ। କିନ୍ତୁ ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କ ବୋଲିଂରୁ ପ୍ରଚୁର ରନ୍ ବାହାର କରି ଦଳକୁ ଦୃଢ଼ ସ୍ଥିତିରେ ରଖିଥିଲେ।

ତେଣୁ ଏହାକୁ ଭାରତୀୟ ବୋଲିଂର କେବଳ ଏକ ଖରାପ ଦିନ କୁହାଯିବ ନା ବୁମ୍‌ରା, ସିରାଜ, ସାମିଙ୍କ ବିନା ଭାରତୀୟ ବୋଲିଂବାହିନୀ ଦୁର୍ବଳ ବୋଲି ଧରିନେବାକୁ ହେବ, ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି।

ଶାର୍ଦ୍ଦୁଳ ତାଙ୍କର ଦଶମ ଟେଷ୍ଟ ଖେଳୁଥିଲା ବେଳେ ପ୍ରସିଦ୍ଧ ପ୍ରଥମ ମ୍ୟାଚ୍ ଖେଳୁଥିଲେ। ପ୍ରସିଦ୍ଧ ମଝିରେ ମଝିରେ ୧୪୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ବଲ୍ ପକାଇ ଦେଉଥିଲେ, କିନ୍ତୁ ଅଭିଜ୍ଞତାର ଅଭାବ ଯୋଗୁଁ ଠିକ୍ ସ୍ଥାନ ଓ ଲାଇନ୍ ପାଇପାରୁନଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ୧୨ ମ୍ୟାଚ୍‌ରୁ ୫୪ ୱିକେଟ୍ ଅକ୍ତିଆର କରିଛନ୍ତି। କିନ୍ତୁ ବଡ଼ ମଞ୍ଚରେ ସେ ନର୍ଭସ ହୋଇଯାଉଥିବା ମନେ ହେଉଛି। ଯଦି ଏପରି ହୁଏ, ତାହେଲେ ଫେବୃଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳା ବେଳକୁ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ପାଇଁ କଷ୍ଟ ହୋଇପାରେ।

ସେହିପରି ଶାର୍ଦ୍ଦୁଳ ପ୍ରଥମ ଶ୍ରେଣୀରେ ୭୬ ମ୍ୟାଚ୍‌ରୁ ୩.୧୭ ଇକୋନୋମି ରଖୁଥିଲା ବେଳେ ୨୪୬ ୱିକେଟ୍ ତାଙ୍କ ନାମରେ ରହିଛି। କିନ୍ତୁ ଭାରତୀୟ ଦଳରେ ସେ ଚତୁର୍ଥ ବୋଲର ଭାବେ ସ୍ଥାନ ପାଇଛନ୍ତି। ଠାକୁରଙ୍କୁ ପୂର୍ବରୁ କେବେବି ଟେଷ୍ଟ ବୋଲର ଭାବେ ଗଣନା କରାଯାଇନାହିଁ। କେବଳ ଭଲ ବ୍ୟାଟିଂ କରିପାରୁଥିବାରୁ ଜଣେ ବୋଲର ଅଲରାଉଣ୍ଡର ଭାବେ ସେ ସ୍ଥାନ ପାଉଛନ୍ତି। ସେହିପରି ଅନ୍ୟତମ ଯୁବ ବୋଲର ମୁକେଶ କୁମାରଙ୍କ ଆନ୍ତର୍ଜାତିକ ଜୀବନ ଏବେ ଗଢ଼ାଚାଲିଛି। ସେ ଭଲ ସୁଇଂ କରିପାରୁଥିଲେ ମଧ୍ୟ ତାଙ୍କୁ ପାରଙ୍ଗମ ହେବାକୁ ଆହୁରି ସମୟ ଦରକାର। ଯଦିଓ ତାଙ୍କୁ ବୁମ୍‌ରା, ସାମି, ସିରାଜଙ୍କ ଦକ୍ଷତା ସହିତ ତୁଳନା କରାଯାଉଛି, ହେଲେ ସେହି ସ୍ତରକୁ ଆସିବା ପାଇଁ ମୁକେଶ ପାଖରେ ବହୁତ ସମୟ ଲାଗିଯାଇପାରେ। ଏମାନଙ୍କ ବ୍ୟତୀତ ଆକାଶ ଦୀପ, ଆବେଶ ଖାନ୍, ବିଦ୍ୱଥ କାୱିରପ୍ପା, ଅର୍ଶଦୀପ ସିଂହ ପ୍ରମୁଖ ଦ୍ରୁତ ବୋଲରମାନେ ଭାରତର ଭବିଷ୍ୟତ ଭାବେ ପରିଗଣିତ ହେଉଥିଲେ ମଧ୍ୟ ଟେଷ୍ଟରେ ଶ୍ରେଷ୍ଠ ହେବା ପାଇଁ ସେମାନଙ୍କୁ ଆହୁରି ପରିଶ୍ରମ କରିବାକୁ ହେବ।

# ମୟୂରୀ ପ୍ରିମିୟମ ଲିଗ୍‌ର ୯ମ ସଂସ୍କରଣ ଉଦ୍‌ଘାଟିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଷ୍ଟେସନ ବଜାର ଖେଳ ପଡ଼ିଆରେ ମୟୂରୀ ପ୍ରିମିୟମ ଲିଗ୍‌ର ୯ମ ସଂସ୍କରଣ ଉଦ୍‌ଘାଟିତ ହୋଇ ଯାଇଛି। ମୟୂରଭଞ୍ଜ ଜିଲ୍ଲାର ବଚ୍ଛା ବଚ୍ଛା ଉଦୀୟମାନ ଖେଳାଳିମାନଙ୍କୁ ୯ଟି ଫ୍ରାଞ୍ଚାଇଜର ଦଳରେ ବିଭକ୍ତ କରାଯାଇ ୨ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଲିଗ୍ ଆଦି ପର୍ଯ୍ୟାୟ ଖେଳ ଆୟୋଜନ ହେବବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଲିଗ୍‌ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜିବ ଦ୍ୱିବେଦୀ, ସଂପାଦକ ତଥା ଓ୍ୱାର୍ଡ ନଂ୨୫ର କାଉନ୍‌ସିଲର ଦେବାଶିଷ ପାତ୍ର, କ୍ଲବ୍‌ର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କୋଷାଧ୍ୟକ୍ଷ ସରୋଜ ରାଉତ, ଜିତେନ୍ଦ୍ର ନାୟକ, ରାମେଶ୍ୱର ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ଟିମ୍ ଏନିମଲ ଟିମ୍ ମୟୂରଭଞ୍ଜ ଷ୍ଟ୍ରାଇକରଙ୍କୁ ୫ ୱିକେଟ୍‌ରେ ପରାସ୍ତ କରି ଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ସ୍ମାସର ଦଳ ଭି ରୋରକୁ ୯ ୱିକେଟରେ ପରାସ୍ତ କରିଥିଲେ। ସେହିପରି ତୃତୀୟ ମ୍ୟାଚ୍‌ରେ ମା’ ଅମ୍ବିକା ୱାରିୟର ଦଳ ଥ୍ରିଲର ଦଳକୁ ୮ ୱିକେଟରେ ପରାସ୍ତ କରିଥିଲେ। ସମସ୍ତ ମ୍ୟାଚ୍‌କୁ ଅମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ ଏବଂ ପ୍ରବୀର ମୋଦୀ ପରିଚାଳନା କରିଥିଲେ। ରାଜେଶ ସାହୁ ମ୍ୟାଚ୍ ରେଫ୍ରି ଦାୟିତ୍ୱ ତୁଲାଇଥିଲେ। ସେହିପରି ସମ୍ବିତ ମହାରଣା ଓ ରାମଚନ୍ଦ୍ର ଟୁଡୁ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ ବୋଲି ସୂଚନା ମିଳିଛି। ଏହି ଟୁର୍ଣ୍ଣାମେଣ୍ଟକୁ ଦର୍ଶକମାନେ ଘରେ ଥାଇ www.crick heroes ରେ ମୟୂରୀ ପ୍ରିମିୟମ ଲିଗ୍‌ରେ ଲଗ୍ ଇନ କରି ଦେଖିପାରିବେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ୟୁନିଅନ୍ ସ୍ପୋର୍ଟିଂ, କଟକ ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ପଞ୍ଚମ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ପଞ୍ଚମ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ, କଟକ ଓ ୟୁନିକ୍ ଇଲେଭେନ୍, ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁନିକ୍ ଇଲେଭେନ୍, ଭଦ୍ରକ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନିଅନ୍ ସ୍ପୋର୍ଟିଂ, କଟକ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ପଙ୍କଜ ସେନାପତି ୩୩ ରନ୍, ଗିରିଜା ରାଉତ ୨୪ ରନ୍ ସଂଗ୍ରହ କରିଥିଲେ। ୟୁନିକ୍ ଇଲେଭେନ୍, ଭଦ୍ରକର ବୋଲର କ୍ଷମାସାଗର ୫ ଓଭର ବୋଲିଂ କରି ୧୬ ରନ୍ ଦେଇ ୪ଟି ଉଇକେଟ୍ ନେଇଥିବାବେଳେ ଏମ୍.ଡି. ଅରମାନ ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ୟୁନିକ୍ ଇଲେଭେନ୍, ଭଦ୍ରକ ୨୩.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୯୨ ରନ୍ ସଂଗ୍ରହ କରି ୟୁନିଅନ୍ ସ୍ପୋର୍ଟିଂ, କଟକଠାରୁ ପରାସ୍ତ ହୋଇଥିଲେ। ୟୁନିଅନ୍ ସ୍ପୋର୍ଟିଂ, କଟକର ବୋଲର ସର୍ବେଶ୍ୱର ମହାନ୍ତି ୫ ଓଭର ବୋଲିଂ କରି ୧୨ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ଜ୍ୟୋତି ରଞ୍ଜନ ଦଳାଇ ୪.୩ ଓଭର ବୋଲି କରି ୧୬ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ମଙ୍ଗଳବାରର ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସର୍ବେଶ୍ୱର ମହାନ୍ତିଙ୍କୁ ମେଲବୋର୍ଣ୍ଣ କ୍ରିକେଟ୍ ଟିମ୍‌ର ବରିଷ୍ଠ କ୍ରିକେଟିୟର ସୁଶାନ୍ତସିଂ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯବୁନେତା ମନୋଜ କୁମାର ସାହୁ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ ଓ ଶାରଦା ମହାପାତ୍ର ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ, ବିବେକାନନ୍ଦ ସାହୁ ଓ ଏସ୍.କେ. କାଶିଫ୍ ଅଲ୍ଲୀ ପରିଚାଳନା କରିଥିଲେ।

# ଟି-୨୦ ବିଶ୍ୱକପରେ ଅଧିନାୟକତ୍ୱ ସମ୍ଭାଳିବେ ରୋହିତ !

**ନୂଆଦିଲ୍ଲୀ**



ଏକ ବର୍ଷର ବିରତି ପରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଟି -୨୦ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ସେ ଆଫଗାନିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜ୍‌ରେ ସେ ଟିମ୍ ଇଣ୍ଡିଆକୁ ଫେରିବେ। ଯଦି ରୋହିତ ଏହି ସିରିଜରେ ଫେରନ୍ତି, ତେବେ ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ବିସିସିଆଇ ଟି -୨୦ ବିଶ୍ୱକପରେ ତାଙ୍କୁ ହିଁ ଟିମ୍ ଇଣ୍ଡିଆର କମାଣ୍ଡ ଦେବାକୁ ପ୍ରସ୍ତୁତ ହେଉଛି।

ଇନ୍‌ସାଇଡ୍ ସ୍ପୋର୍ଟସର ଏକ ରିପୋର୍ଟ ଅନୁଯାୟୀ ରୋହିତ ଶର୍ମା ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ଭାରତୀୟ ଦଳର ଅଧିନାୟକ ହେବେ ବିସିସିଆଇର ଜଣେ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏହି ରିପୋର୍ଟରେ ଏହା ମଧ୍ୟ ଲେଖାଯାଇଛି ଯେ ରୋହିତଙ୍କ ସହ ଦୀର୍ଘ ଦିନ ଧରି ଆଲୋଚନା ହୋଇଛି ଏବଂ ସେ ଟି-୨୦ ବିଶ୍ୱକପରେ ଅଧିନାୟକତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି।

ଦକ୍ଷିଣ ଆଫ୍ରିକା ସହିତ ଟେଷ୍ଟ ସିରିଜ୍ ପରେ ଭାରତୀୟ ଦଳକୁ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟି-୨ ସିରିଜ୍ ଖେଳିବାକୁ ପଡ଼ିବ।

# ମା’ ହେବାକୁ ଯାଉଛନ୍ତି ଗ୍ରାଣ୍ଡସ୍ଲାମ୍ ଚାମ୍ପିୟନ ପେଟ୍ରା କ୍ୱିଟୋଭା

**ପ୍ରେଗ୍**




ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପ୍ରଥମ ସନ୍ତାନର ମା’ ହେବାକୁ ଯାଉଛନ୍ତି ବୋଲି ବର୍ଷ ଆରମ୍ଭରେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଚେକ୍ ରିପବ୍ଲିକ୍‌ର ଏହି ଖେଳାଳି ଓ ତାଙ୍କ ସ୍ୱାମୀ ନୂଆ ବର୍ଷ ଅଭିନନ୍ଦନ ଜଣାଇବା ସହ ଏହି ଖବରକୁ ଶେୟାର କରିଛନ୍ତି। ତାଙ୍କ ପରିବାର ଗ୍ରୀଷ୍ମଋତୁରେ ନୂଆ ସନ୍ତାନକୁ ସ୍ୱାଗତ କରିବେ ବୋଲି କହିଛନ୍ତି କ୍ୱିଟୋଭା। ୨୦୨୩ ଜୁଲାଇରେ ତାଙ୍କ ଦୀର୍ଘଦିନର କୋଚ୍ ଜିରି ଭାନେକଙ୍କୁ ବିବାହ କରିଥିଲେ ୩୩ ବର୍ଷୀୟା ଟେନିସ ଷ୍ଟାର। ୨୦୧୧ ଓ ୨୦୧୪ରେ ୱିମ୍ବେଲଡନ ଜିତିଛନ୍ତି। ବର୍ତ୍ତମାନ ର୍ୟାଙ୍କିଙ୍ଗ ତାଲିକାରେ ସେ ୧୭ତମ ସ୍ଥାନରେ ଅଛନ୍ତି। ଡିସେମ୍ବର ପ୍ରଥମ ଭାଗରେ ଅଷ୍ଟ୍ରେଲିଆନ ଓପନ ଏଣ୍ଟ୍ରି ଲିଷ୍ଟରେ କ୍ୱିଟୋଭାଙ୍କ ନାମ ସ୍ଥାନ ପାଇଥିଲା। ତେବେ ଜାନୁୟାରୀ ୧୪ରୁ ଆରମ୍ଭ ହେବାକୁଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ସେ ଭାଗ ନେବେ କି ନା ତାହା ସ୍ପଷ୍ଟ ହୋଇନାହିଁ।

# ଜାତୀୟସ୍ତରୀୟ କବାଡ଼ିରେ ଭାଗ ନେବେ ତେଜସ୍ୱିନୀ

**କୁକୁଡ଼ାଖଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୬୭ତମ ଜାତୀୟ ବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି ଆଦର୍ଶ ବିଦ୍ୟାଳୟ ଛାତ୍ରୀ ତେଜସ୍ୱିନୀ ରାଉତ। ଏହା ୩ ରୁ ୮ ତାରିଖ ଯାଏଁ ଅନୁଷ୍ଠିତ ହେବ। ସ୍ଥାନୀୟ ପାଣ୍ଡିଆଝୋଲି ଗ୍ରାମର ଋଷୀ ସୁଧିର ରାଉତଙ୍କ ଝିଅ ତେଜସ୍ୱିନୀ ବ୍ରହ୍ମପୁରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କବାଡ଼ିରେ ଚମତ୍କାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଜସ୍ୱିନୀ ପାଣ୍ଡିଆଝୋଲି ଗ୍ରାମର ପ୍ରଥମ ଝିଅ, ଯିଏକି ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି। ତେଜସ୍ୱିନୀ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥୀ ସ୍ୱାଇଁ, ଆଦର୍ଶ ବିଦ୍ୟାଳୟ କୁସୁମୀର ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ମିଶ୍ର, ଭାରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ମହାରଣା ଆଶା ରଖନ୍ତି।

# ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ : ଗୁଜରାଟର ପ୍ରଥମ ପରାଜୟ

**କଟକ**



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସିଜିନ୍‌ରେ ପ୍ରଥମ ପରାଜୟ ବରଣ କରିଛି ଗୁଜରାଟ ଜାଏଣ୍ଟ୍ସ। ଚେନ୍ନାଇ କୁଇକ୍ ଗନ୍ସ ପକ୍ଷରୁ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଦଳ ଗୁଜରାଟକୁ ୩୫-୨୯ରେ ପରାସ୍ତ କରିଛି। ରାମଜୀ ଆଟାକ୍ କରି ୧୦ ପଏଣ୍ଟ ଅର୍ଜନ କରିଥିବା ବେଳେ ଡିଫେଣ୍ଡ କରି ୪ ମିନିଟରୁ ଅଧିକ ସମୟ ମ୍ୟାଟ୍ ଉପରେ ବିତାଇଥିଲେ। ଏହ ମଧ୍ୟରେ ସେ ଡ୍ରିମ୍ ରନ୍ ପୂରଣ କରି ଏକ ବୋନସ୍ ପଏଣ୍ଟ ମଧ୍ୟ ହାତେଇଥିଲେ। ପ୍ରଥମ ଟର୍ଣ୍ଣରେ ଗୁଜରାଟ ୧୪ ପଏଣ୍ଟ ଅର୍ଜନ କରିଥିଲା। ଚେନ୍ନାଇ ଦୁଇଟି ଡ୍ରିମ୍ ରନ୍ ସହ ୨ ପଏଣ୍ଟ ଅର୍ଜନ କରିଥିଲା। ତେବେ ଚେନ୍ନାଇ ନିଜ ଆଟାକ୍‌ରେ ମାତ୍ର ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଗୁଜରାଟ ୩ ଡ୍ରିମ୍ ରନ୍ ସମ୍ପୂର୍ଣ୍ଣ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଗୁଜରାଟ ୯ ପଏଣ୍ଟରେ ଆଗୁଆ ରହିଥିଲା। ତୃତୀୟ ଟର୍ଣ୍ଣରେ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିଲେ। ୫ ଡ୍ରିମ୍ ରନ୍ ଓ ବୋନସ ପଏଣ୍ଟ ହାସଲ କରିବା ସହିତ ସେ ଗୁଜରାଟକୁ ମାତ୍ର ୧୨ ପଏଣ୍ଟ ସ୍କୋର କରିବାକୁ ଦେଇଥିଲ। ଅନ୍ତିମ ଟର୍ଣ୍ଣରେ ବିଜୟ ପାଇଁ ୧୬ ପଏଣ୍ଟ ଆବଶ୍ୟକ ଥିବା ବେଳେ ଚେନ୍ନାଇ ୨୦ ପଏଣ୍ଟ ଅର୍ଜନ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଚେନ୍ନାଇ କୁଇକ୍ ଗନ୍ସ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି।


## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

**ଟେଣ୍ଡର ବିଜ୍ଞପ୍ତି**

**ନଂ.୫୩୦୮ ତା.୨୯.୧୨.୨୦୨୩**

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାର୍କିଂ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ପଡ଼ିଆଗୁଡ଼ିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗାଇ ଦିଆଯିବ।

ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧.୦୦ ଘଟିକାରୁ ଅପରାହ୍ଣ ୦୪.୦୦ ଘଟିକା ସୁଦ୍ଧା) ୦୧.୦୧.୨୦୨୪ ଠାରୁ ତା.୦୪.୦୧.୨୦୨୪ (ଛୁଟିଦିନ ବ୍ୟତୀତ) ଟ.୫୦୦୦.୦୦ (ପାଞ୍ଚ ହଜାର ଟଙ୍କା ମାତ୍ର)/ [ପାର୍କିଂ ପାଇଁ ଟ. ୩୦୦୦.୦୦ (ତିନି ହଜାର ଟଙ୍କା ମାତ୍ର)] ବିନିମୟରେ ଟେଣ୍ଡର କାଗଜପତ୍ର ଯୋଗାଇ ଦିଆଯିବ। ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ୍ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ଦେଖିପାରିବେ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି, ଏକ ଜଉମୁଦ ଲଫାପାରେ ପୂରାଇ ତା.୦୧.୦୧.୨୦୨୪ ଠାରୁ ତା.୦୫.୦୧.୨୦୨୪ ଅପରାହ୍ଣ ୧.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ। ତାହା ସମସ୍ତଙ୍କ ଉପସ୍ଥିତିରେ ତା.୦୫.୦୧.୨୦୨୪ରିଖ ଅପରାହ୍ଣ ୨.୩୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ। ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୁଡ଼ାନ୍ତ ହୋଇପାରିବ ନାହିଁ ତେବେ ଦ୍ୱିତୀୟ ଦିବସ ତା.୦୮.୦୧.୨୦୨୪ ଅପରାହ୍ଣ ୫.୦୦ ଘଟିକା ସମୟରରେ ଏହି ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ ଏବଂ ସେହିଦିନ ଅପରାହ୍ଣ ୩.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଫର୍ମ ନିର୍ଦ୍ଦିଷ୍ଟ ବାକ୍ସରେ ଦାଖଲ କରିପାରିବେ। ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡରକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି। ସବିଶେଷ ବିବରଣୀ ଜିଲ୍ଲା Website-http://baragarh.nic.in ରେ ମଧ୍ୟ ଉପଲବ୍ଧି ହେବ।

ସ୍ୱା/- ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

INVITATIONS FOR BIDS (IFB) L-201
GOVERNMENT OF ODISHA,
AGRICULTURE & FARMERS' EMPOWERMENT DEPARTMENT,
EXECUTIVE ENGINEER (AGRIL.), DIRECTORATE OF HORTICULTURE
E-Mail.-nmmi.dho@gmail.com

**e- Procurement Notice**

Bid Identification Number-E.E. (A), DHO-O1 of 2023-24
Tender Call Notice No: 2C (H4)-07\2023\ 30 Date:02.01.2024

| | |
|---|---|
| Name of the work : | Construction of Infrastructure Works for Year2023-24 |
| Total No. of Projects : | 10 (Ten) numbers |
| Estimated cost of projects : | Varies from Rs.8.0 lakh to Rs.137.00 lakh |
| Class of contractor : | "D", "C" "B" & "A" Class (of Odisha PWD) or relevant Class of other licensing authorities. |
| Period of Completion : | As perTCN |

Other details:

| Procurement Officer | Bid Identification Number | Availability of Tender on-line for bidding From | Availability of Tender on-line for bidding To | Submission of Original Documents | Date & Place of Opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| EXECUTIVE ENGINEER (AGRIL.), DIRECTORATE OF HORTICULTURE, BHUBANESWAR | E.E.(A),DHO, BHUBANESWAR -01 OF 2023-24 | 04.01.2024 from 11.00 A.M. | 18.01.2024 up to 5.00 P.M | During office hours of working days from dt. 19.01.2024 from 11.00AM to 20.01.2024 upto 05.00 PM in the Office Chamber Executive Engineer, Director of Horticulture, Krusi Bhawan, Bhubaneswar, 751001 (To be dropped in the sealed Box) | Dt. 22.01.2024 at 11 AM in the Board Room-01 of Krusi Bhawan (Ground Floor), Bhubaneswar, 751001 |

Further details can be seen from the website www.tendersodisha.gov.in

Sd/- Executive Engineer(Agril)
OIPR-01038/11/0006/2324 Directorate of Horticulture, Bhubaneswar


# ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ହାତ ଛାଡ଼ିଲେ ବ୍ୟାଟିଂ କୋଚ୍ ବିଜୟ ଦହିଆ




**ନୂଆଦିଲ୍ଲୀ**

୨୦୨୪ ଆଇପିଏଲ୍ ପୂର୍ବରୁ କେଏଲ୍ ରାହୁଲଙ୍କ ନେତୃତ୍ୱଧୀନ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଏକ ବଡ଼ ଝଟ୍‌କା ଲାଗିଛି। ବ୍ୟାଟିଂ କୋଚ୍ ବିଜୟ ଦହିଆ ଦଳର ହାତ ଛାଡ଼ି ଦେଇଛନ୍ତି। ଆଇପିଏଲ୍ ୨୦୨୨ ଲକ୍ଷ୍ନୌର ପ୍ରଥମ ଆଇପିଏଲ୍ ସିଜିନରୁ ବିଜୟ ଦଳ ସହିତ ରହିଥିଲେ। ଦଳ ଛାଡ଼ିବା ପରେ ବିଜୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଲେଖିଛନ୍ତି, ଆଇପିଏଲ୍ ୨୦୨୪ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଭଲ ପ୍ରଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏପରିକି ସେ ଦଳକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ବର୍ତ୍ତମାନ ଲକ୍ଷ୍ନୌଠାରୁ ବିଦାୟ ନେବାର ସମୟ ଆସିଯାଇଛି। ସେ ଦୁଇ ବର୍ଷ ଧରି ଦଳ ସହିତ କାର୍ଯ୍ୟ କରିଥିଲେ। ଏହା ତାଙ୍କୁ ନିଆରା ଅନୁଭୂତି ଦେଇଥିବା ଉଲ୍ଲେଖ କରିଛନ୍ତି। ବ୍ୟାଟିଂ କୋଚ୍ ବିଜୟଙ୍କ ପୂର୍ବରୁ ଦଳର ମୁଖ୍ୟ ପ୍ରଶିକ୍ଷକଙ୍କୁ ମଧ୍ୟ ଦଳରୁ ବଦଳାଯାଇଛି। ଅଷ୍ଟ୍ରେଲୀୟ ଓପନର ଜଷ୍ଟିନ ଲେଙ୍ଗରଙ୍କୁ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ବ୍ୟାଟର ଗୌତମ ଗମ୍ଭୀର ଦଳ ପାଇଁ ମେଣ୍ଟର ଭୂମିକାରେ ରହିଥିଲେ। ହେଲେ ୨୦୨୪ ଆଇପିଏଲ ପୂର୍ବରୁ ସେ ଲକ୍ଷ୍ନୌ ଛାଡ଼ି କୋଲକାତା ନାଇଟ ରାଇଡର୍ସ(କେକେଆର)ରେ ଯୋଗ ଦେଇଛନ୍ତି।

# ଆରମ୍ଭ ହେଲା ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ

**ଭୁବନେଶ୍ୱର**



ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍‌ର ସଫଳ ସମାପନ ପରେ କଳିଙ୍ଗ ଷ୍ଟାଡ଼ିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏହାର ସିନିୟର ବର୍ଗ ପ୍ରତିଯୋଗିତା। ଏଥିପାଇଁ ଦେଶର ଅନେକ ତାରକା ଖେଳାଳିଙ୍କ ସମାଗମ ହୋଇଛି କଳିଙ୍ଗ ଷ୍ଟାଡିୟମରେ। ଦେଶର ବିଭିନ୍ନ ଭାଗରୁ ପାଖାପାଖି ୩୦୦ ପ୍ରତିଯୋଗୀ ଏଥିରେ ଭାଗ ନେବାକୁ ଯାଉଛନ୍ତି। ବିଶେଷ କରି ଅଲିମ୍ପିଆନ ପ୍ରଣତି ନାୟକ, ଦୀପା କର୍ମକାର, ଜାତୀୟ ଜିମ୍ନାଷ୍ଟ ଯେଗେଶ୍ୱର ସିଂ, ରାକେଶ ପାତ୍ର, ତପନ ମହାନ୍ତି, ସୈଫ୍ ତାମ୍ବୋଲି, ଗୌରବ କୁମାର ପ୍ରମୁଖ ଆକର୍ଷଣରେ ରହିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏସନ, ଜିମ୍ନାଷ୍ଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକକ୍ସ ସେଣ୍ଟରରେ ହେଉଛି। ଏହା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଛି। ଆମେ ଏବେ ସିନିୟର ଚାମ୍ପିୟନସିପ୍ ଆୟୋଜନ କରିବାକୁ ଯାଉଛୁ। ଏହି ପ୍ରତିଯୋଗିତାରେ ଦୀପା, ପ୍ରଣତିଙ୍କ ସମେତ ଅନେକ ଜାତୀୟ ସ୍ତରୀୟ ଜିମ୍ନାଷ୍ଟଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ତେଣୁ ପ୍ରତିଯୋଗିତା ନିଶ୍ଚିତ ରୋମାଞ୍ଚକ ହେବ ବୋଲି ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ଅଶୋକ ମିଶ୍ର ପ୍ରକାଶ କରିଛନ୍ତି। ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଖୁସି ଜାହିର କରିଛନ୍ତି। ଏଠାକୁ ପୁନର୍ବାର ଆସି ବହୁତ ଖୁସି ଲାଗୁଛି। ଏଠାକାର ଭିତ୍ତିଭୂମି ଅଲିମ୍ପିକ୍ ଷ୍ଟାଣ୍ଡାର୍ଡର। ଦୀପା ପାଖାପାଖି ୮ ବର୍ଷ ପରେ ଜାତୀୟ ଚାମ୍ପିୟନସିପ୍‌ରେ ଭାଗ ନେଉଛନ୍ତି। ଏଠାରେ ପ୍ରଣତି ନାୟକ, ପ୍ରଣତି ଦାସ, ଅରୁଣ ରେଡ୍ଡୀ ଏବଂ ଅନ୍ୟ କେତେକ ନାମୀ ଜିମ୍ନାଷ୍ଟ ଭାଗ ନେଉଛନ୍ତି। ଜୁନିୟର ଚାମ୍ପିୟନସିପ୍‌ରେ ମଧ୍ୟ ପିଲାମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଆସନ୍ତା ୨ ବର୍ଷ ମଧ୍ୟରେ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସ ପାଇଁ ଭାରତର ଏକ ଶକ୍ତିଶାଳୀ ପ୍ରତିନିଧି ଦଳ ପ୍ରସ୍ତୁତ ହୋଇ ସାରିଥିବା ନେଇ ଆଶା ରହିଛି ବୋଲି ବିଶ୍ୱେଶ୍ୱର କହିଛନ୍ତି। ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରଣତି ନାୟକ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। ‘ମୁଁ ଭାରତୀୟ ରେଲୱେକୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ମୁଁ ଯେଉଁଠାରେ ଟ୍ରେନିଂ ନେଉଛି ସେଠାରେ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ନିଜର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛି’ ବୋଲି ପ୍ରଣତି କହିଛନ୍ତି।

ଭୁବନେଶ୍ୱର
୩ ଜାନୁଆରୀ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## ଡ. ପ୍ରଭାସ ଆଚାର୍ଯ୍ୟଙ୍କ 'ସମାଜ' ରିଲିଫ କମିଟି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ



**କଟକ,୨/୦୧ ନ୍ୟୁଜ ବ୍ୟୁରୋ**

'ସମାଜ' ରିଲିଫ କମିଟିର ଅଧ୍ୟକ୍ଷ ଭାବେ ସୋମବାର ଅପରାହ୍ନରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ମଣ୍ଡଳର ଓଡ଼ିଶା ଶାଖା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ଅନୁସାରେ ରିଲିଫ କମିଟିକୁ ପୁନର୍ଗଠନ କରାଯାଇଛି। 'ଅଧ୍ୟକ୍ଷ' ଦାୟିତ୍ୱ ଗ୍ରହଣ ପରେ ଡ. ଆଚାର୍ଯ୍ୟ କହିଛନ୍ତି 'ସମାଜ' ରିଲିଫ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଚେଷ୍ଟା ଜାରି ରହିବ ଓ ସେବା ପରିସରକୁ ବ୍ୟାପକ ଏବଂ ବହୁମୁଖୀ କରାଯିବ।



ଭୁବନେଶ୍ୱର : ୨୦୨୪ ଇଂରାଜୀ ନବବର୍ଷ ଅବସରରେ ବିଜୁପଟ୍ଟନାୟକ ପାର୍କଠାରେ ଓମ୍ ପ୍ରାଣାୟାମ କେନ୍ଦ୍ରର ଯୋଗଗୁରୁ ତଥା ବିଶିଷ୍ଟ ସ୍ତମ୍ଭକାର ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କୁ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଶୁଭେଚ୍ଛା ଜଣାଉଛନ୍ତି।
(ଫଟୋ : ସମ୍ବାଦ କଳିକା)






ଭୁବନେଶ୍ୱର : ନବୀନ ନିବାସ ଠାରେ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀର ନେତାମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରୂପାନ୍ତରିତ ଶ୍ରୀକ୍ଷେତ୍ରର ଭବ୍ୟ ରୂପ ଦେଖିବ ସମଗ୍ର ବିଶ୍ୱ

**ପୁରୀ, ୨/୧ ନ୍ୟୁଜ ବ୍ୟୁରୋ**

ଚାରିଧାମରୁ ଶ୍ରେଷ୍ଠ ଧାମ ହେଉଛି ଶ୍ରୀଜଗନ୍ନାଥ ଧାମ। ପ୍ରତିଦିନ ଏଠାକୁ ଛୁଟିଥାଏ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ। ଐତିହ୍ୟ ସହର ପୁରୀକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ବିଭିନ୍ନ ପ୍ରକଳ୍ପ କାମ ହାତକୁ ନେଇଛନ୍ତି ରାଜ୍ୟ ସରକାର। ତା' ମଧ୍ୟରୁ ଗୋଟିଏ ହେଉଛି ପରିକ୍ରମା ପ୍ରକଳ୍ପ। ପୁରୀକୁ ଏକ ଐତିହ୍ୟ ସହର ଭାବେ ଗଢି ତୋଳିବା ସହ ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା ଏବଂ ମୌଳିକ ସୁବିଧାକୁ ଦୃଷ୍ଟିରେ ରଖି ୨୦୧୭-୧୮ ଆର୍ଥିକ ବର୍ଷରେ ଅବଢା ଯୋଜନା ଆରମ୍ଭ କରିଥିଲେ ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୩୨୦୦କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୩ ଜୁନ ୨୧ରେ ଆଉ ୧୦୦୦କୋଟି ଅର୍ଥ ମଞ୍ଜୁର କରିଥିଲା ରାଜ୍ୟ କ୍ୟାବିନେଟ। ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ସୁରକ୍ଷା, ଶ୍ରୀସେତୁ ପ୍ରକଳ୍ପ, ମୁଷା ନଦୀର ପୁନରୁଦ୍ଧାର, ଜଗନ୍ନାଥ ବଲ୍ଲଭ ମଠ, ରଘୁନାଥ ଲାଇବ୍ରେରୀର ଉନ୍ନତିକରଣ, ଅଠରନଳା ହେରିଟେଜ୍ ପ୍ରକଳ୍ପ ସହ ସହରରେ ଥିବା ସମସ୍ତ ମଠ ମନ୍ଦିରର ଉନ୍ନତିକରଣ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନା ଅଧୀନରେ ଥିବା ଗୋଟିଏ ପ୍ରକଳ୍ପ ହେଉଛି ଶ୍ରୀମନ୍ଦିର ଐତିହ୍ୟ କରିଡର ବା ପରିକ୍ରମା ପ୍ରକଳ୍ପ। ଏଥିପାଇଁ ୮୦୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀକୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଏଥିରେ ରହିବ ସମସ୍ତ ମୌଳିକ ସୁବିଧା। ପୁରୁଷ ଓ ମହିଳାମାନଙ୍କ ପାଇଁ ପୃଥକ ପୃଥକ ଶୌଚାଳୟ ନିର୍ମାଣ ହୋଇଛି। ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, କ୍ଲକରୁମ୍, ସୂଚନା ଓ ଦାନକେନ୍ଦ୍ର, ବିଶ୍ରାମସ୍ଥଳ, ଜେଟିପି ଆଉଟପୋଷ୍ଟ, ଏଟିଏମ କିଓସ୍କ, ଜରୁରି ଯାତାୟାତ ମାର୍ଗ, ସ୍ଥାୟୀ ଯାତାୟାତ ମାର୍ଗ, ଲ୍ୟାଣ୍ଡସ୍କେପ ଏବଂ ଫୁଟପାଥ ଭଳି ବ୍ୟବସ୍ଥା ହୋଇଛି। ଏହାସହ ଶ୍ରଦ୍ଧାଳୁଙ୍କ ନିର୍ବିଘ୍ନ ଦର୍ଶନ ପାଇଁ ଶୀତତାପ ନିୟନ୍ତ୍ରିତ ସେଲଟରର ବ୍ୟବସ୍ଥା କରାଯାଇଛି। ଅବାଧରେ କିଭଳି ମନ୍ଦିର ବେଢା ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ ଏବଂ ପୁରୀକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ କିଭଳି ଭଲ ଅନୁଭୂତି ସାଉଁଟିବେ ସେହି ଉଦ୍ଦେଶ୍ୟରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ ରାଜ୍ୟ ସରକାର, ଯାହା ଏବେ ବାସ୍ତବ ରୂପ ନେବାକୁ ଯାଉଛି।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ

**ପୁରୀ, ୨/୧ ନ୍ୟୁଜ ବ୍ୟୁରୋ**

ଅଯୋଧ୍ୟାରୁ ମହାପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଲା ନିମନ୍ତ୍ରଣ ପତ୍ର। ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପୁରୀ ଜଗନ୍ନାଥ ଧାମକୁ ଆସିଲା ନିମନ୍ତ୍ରଣ । ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରିଛି ଅଯୋଧ୍ୟା ଅଭ୍ୟର୍ଥନା କମିଟି ଓ ବିଶ୍ୱ ହିନ୍ଦୁ ପରିଷଦ । ମଙ୍ଗଳବାର ମହାପ୍ରଭୁଙ୍କ ନିମନ୍ତ୍ରଣ ନିମନ୍ତେ ଗୁଆ, ଅରୁଆ ଚାଉଳ, ଶ୍ରୀଫଳ, ପାନ, ଗାମୁଛା ଓ ନିମନ୍ତ୍ରଣ ପତ୍ର ନେଇ କମିଟି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଛି। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



## ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି

**ପୁରୀ, ନ୍ୟୁଜ ବ୍ୟୁରୋ**

ବୁଧବାର ପୌଷ କୃଷ୍ଣ ସପ୍ତମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୪ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ଅତ୍ୟନ୍ତ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଚତୁର୍ଦ୍ଧା ମୂରତିଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା

## 'କାହିଁକି ସିବିଆଇ ତଦନ୍ତ ନହେବ' ରାଜ୍ୟକୁ ଜବାବ ମାଗିଲେ ହାଇକୋର୍ଟ

**କଟକ, ୦୨/୦୧ ନ୍ୟୁଜ ବ୍ୟୁରୋ**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି ନେଇ ଶୁଣାଣି କଲେ ହାଇକୋର୍ଟ । ମାମଲାର ସିବିଆଇ ତଦନ୍ତ କାହିଁକି ନହେବ ସେନେଇ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ମାର୍ଚ୍ଚ ୫ ତାରିଖ ସୁଦ୍ଧା ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନକାରୀ ପିଟିସନ୍‌ରେ ଉଲ୍ଲେଖ କରିଥିଲେ କି, ୨୦୦୮ ଅଗଷ୍ଟ ୧୫ରେ ଅର୍ଥାତ୍ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟାର ଅଳ୍ପ କିଛିଦିନ ପୂର୍ବରୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିଆରପିଏଫ୍ ଯବାନଙ୍କୁ ପ୍ରତ୍ୟାହାର କରି ନିଆଯାଇଥିଲା । ସେହି ମାସ ୨୩ ତାରିଖ ସକାଳୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଓଡ଼ିଶା ପୁଲିସ୍‌ର ସମସ୍ତ କର୍ମଚାରୀ ସମୂହ ଛୁଟିରେ ଚାଲିଗଲେ । ସେହିଦିନ ସଂଧ୍ୟାରେ ଲକ୍ଷ୍ମଣାନନ୍ଦଙ୍କୁ ୧୫ଜଣ ଦୁର୍ବୃତ୍ତ ହତ୍ୟା କଲେ। ଏହାର ଠିକ୍ ପରଦିନ ପୁଲିସ୍ ଡିଜି ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମଣାନନ୍ଦଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି ବୋଲି ସୂଚନା ଦେଲେ । ଆବେଦନକାରୀ ତାଙ୍କ ପିଟିସନ୍‌ରେ ଲକ୍ଷ୍ମଣାନନ୍ଦଙ୍କୁ ଷଡ଼ଯନ୍ତ୍ର କରାଯାଇ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ଯେଉଁଭଳି ଏହି ଘଟଣାର ତଦନ୍ତ କରାଗଲା, ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିନାହିଁ । ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାଗଲେ ଅନେକ ରହସ୍ୟର ଉନ୍ମୋଚନ ହୋଇପାରିବ ବୋଲି ସେ କହିଛନ୍ତି।






ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା



### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା-ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
|---|---|
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |





